# ଭୂମା ବିଭୂତି ମହାଯଜ୍ଞ



ଓଁ

*ନମୋ ଭଗବତେ ଯଦୁନନ୍ଦନାୟ*

*ସୁକାନ୍ତି ସୁତାୟ କେଶବଚନ୍ଦ୍ରାୟ !!!*

# ଭୂମା ବିଭୂତି ମହାଯଜ୍ଞ

## ବାଘଧରିଆ, ଢେଙ୍କାନାଳ

୧୪୦୯ ସାଲ, ଫାଲଗୁନ କୃଷ୍ଣପକ୍ଷ ତୃତୀୟା
ତା.୦୧.୩.୨୦୦୨ରିଖ ଶୁକ୍ରବାର - କୃଷ୍ଣଷଷ୍ଠୀ
ତା୦୪.୩.୨୦୦୨ରିଖ ସୋମବାର

ଦ୍ୱିତୀୟ ସଂସ୍କରଣ : କେଶବାବ୍ଦ-୫୧, ଚୈତ୍ର ପୂର୍ଣ୍ଣିମା
ଅକ୍ଷର ସଜ୍ଜା : ରସଦ୍ ଏଡ୍ ଏଜେନ୍ସି, କଟକ
ମୁଦ୍ରଣ : ଜଗନ୍ନାଥ ପ୍ରୋସେସ୍, ଡଗରପଡ଼ା, କଟକ

## ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍,

 କ୍ଷିତିଜ୍ୟୋତି ଆଶ୍ରମ, ମାହାଙ୍ଗା, କଟକ ।
ଫୋନ୍ - ୦୬୭୧-୨୭୬୭୧୦୧

ଭକ୍ତି ପ୍ରେମାଞ୍ଜଳି : ଦଶ ମୁଦ୍ରାଞ୍ଜଳି

# ଓଁ ନମୋ ଭଗବତେ କେଶବଚନ୍ଦ୍ରାୟ !!!

**ଯଂ ବ୍ରହ୍ମା ବରୁଣେନ୍ଦ୍ର ରୁଦ୍ରମରୁତଃ ସ୍ତୁନ୍ୱନ୍ତି ଦିବ୍ୟୈଃ,**
**ସ୍ତବୈର୍ବେଦୈଃ ସାଙ୍ଗପଦକ୍ରମୋପନିଷଦୈ ଗାୟନ୍ତି ଯଂ ସାମଗାଃ ।**
**ଧ୍ୟାନାବସ୍ଥିତତଦ୍‌ଗତେନ ମନସା ପଶ୍ୟନ୍ତି ଯଂ ଯୋଗିନୋ,**
**ଯସ୍ୟାନ୍ତଂ ନ ବିଦୁଃ ସୁରାସୁରଗଣା ଦେବାୟ ତସ୍ମୈ ନମଃ**

ବିଚିତ୍ରକର୍ମାଙ୍କ ସ୍ୱଇଚ୍ଛା ସମ୍ଭୁତ ଲୀଳା ବୈଚିତ୍ର୍ୟ ଅନୁଭବ ତଥା ଉପଭୋଗ କରିବା ସମସ୍ତଙ୍କ ଭାଗ୍ୟରେ ଆସେ ନାହିଁ । ତାଙ୍କରିଠାରେ ସର୍ବତୋଭାବେ ମନପ୍ରାଣ ସର୍ମପଣ କରି ଆପଣା ଆପଣା ଭିତରେ ପରସ୍ପରକୁ ତାଙ୍କରି କଥା ବୁଝାଇ ଓ ସର୍ବଦା ନିଜେ ନିଜେ କୀର୍ତ୍ତନ କରି ଯେଉଁମାନେ ଆତ୍ମ ସନ୍ତୋଷ ଲାଭ କରନ୍ତି, କେବଳ ସେହି ଦିବ୍ୟାତ୍ମାମାନେ ଅମୃତ ଲୀଳା ଆସ୍ୱାଦନ ପାଇଁ ସମର୍ଥ ହୋଇଥାନ୍ତି । କାରଣ ପ୍ରୀତିରେ ଭଜୁଥିବା ଭକ୍ତମାନଙ୍କର ମନୋଭାବ ଅନୁଯାୟୀ ସେହି ପରମକାରୁଣିକ ତାଙ୍କୁ ଅନୁଗ୍ରହ କରି, ତାଙ୍କ ପାଖେ ପାଖେ ରହି ନିଜର ଇଶ୍ୱର ସ୍ୱରୂପ ପ୍ରକାଶ କରନ୍ତି ଓ ଉଜ୍ଜ୍ୱଳ ଜ୍ଞାନଦୀପରେ ତାଙ୍କର ମୋହ-ଅନ୍ଧକାରକୁ ନାଶ କରିଦିଅନ୍ତି । ସେ ସର୍ବବ୍ୟାପୀ ଅନନ୍ତ, ବିଶ୍ୱର ପରମ ପ୍ରକାଶ, ପରମ ପବିତ୍ର ପାପହାରୀ । ସେ ଅଜନ୍ମା, ନିତ୍ୟ ଜ୍ୟୋତିର୍ମୟ ଆଦିଦେବ, ପାପପୂଣ୍ୟର ଫଳାଫଳ ଦାତା ପୁରୁଷ ଶ୍ରେଷ୍ଠ, ବିଶ୍ୱପ୍ରକାଶ ରୂପରେ ସର୍ବତ୍ର ବିରାଜିତ । ସର୍ବ ପ୍ରାଣୀମାନଙ୍କ ହୃଦୟରେ ଏକମାତ୍ର ସେହି ପରମ ପୁରୁଷ ଆତ୍ମା ରୂପରେ ଅବସ୍ଥିତ । ସେ ହିଁ ସ୍ୱୟଂ ପ୍ରାଣୀଙ୍କର ଜନ୍ମ, ଜୀବନ ଓ ମରଣ । ବାରମାସାଧିପତି ଆଦିତ୍ୟମାନଙ୍କ ଭିତରେ ଶ୍ରେଷ୍ଠ ବିଷ୍ଣୁନାମା ଆଦିତ୍ୟ । ଜ୍ୟୋତିମନ୍ତମାନଙ୍କ ମଧ୍ୟରେ ଅଂଶୁମାନ୍ ସୂର୍ଯ୍ୟ । ଅଣଚାଶ ବାୟୁଙ୍କ ଭିତରେ ଶ୍ରେଷ୍ଠ ମରୀଚିନାମା ମରୁତ୍ । ରାତ୍ରିର ଜ୍ୟୋତିର୍ମୟ ତାରକା (ନକ୍ଷତ୍ର) ଭିତରେ ସେ ହିଁ ଚନ୍ଦ୍ରମା ଅଟନ୍ତି । ବେଦମାନଙ୍କ ମଧ୍ୟରେ ସାମବେଦ, ଦେବତାଙ୍କ ଭିତରେ ଇନ୍ଦ୍ର, ଇନ୍ଦ୍ରିୟମାନଙ୍କ ମଧ୍ୟରେ ମନ, ପ୍ରାଣୀମାନଙ୍କ ଭିତରେ ଚେତନା ବା ବିଷୟସ୍ପର୍ଶଶକ୍ତି ଭାବରେ ସେ ହିଁ ବିଦ୍ୟମାନ । ଏକାଦଶ ରୁଦ୍ରଙ୍କ ମଧ୍ୟରେ ସେ ଶଙ୍କର, ଯକ୍ଷ ରାକ୍ଷସଙ୍କ ଭିତରେ ସେ ଧନପତି କୁବେର । ଅଷ୍ଟବସୁଙ୍କ ମଧ୍ୟରେ ପାବକ ଓ ପର୍ବତଙ୍କ ଭିତରେ ସେ ହିଁ ମେରୁ ରୂପରେ ବିଦ୍ୟମାନ । ପୁରୋହିତଙ୍କ

ମଧ୍ୟରେ ପ୍ରଧାନ ଦେବଗୁରୁ ବୃହସ୍ପତି, ମହର୍ଷିମାନଙ୍କ ଭିତରେ ଶ୍ରେଷ୍ଠ ଭୃଗୁ, ଅକ୍ଷରମାନଙ୍କ ମଧ୍ୟରେ ଏକାକ୍ଷର (ଓଁକାର), ସ୍ଥିରବସ୍ତୁରେ ହିମାଳୟ ପର୍ବତ, ବୃକ୍ଷମାନଙ୍କ ମଧ୍ୟରେ ଶ୍ରେଷ୍ଠ ଅଶ୍ୱତ୍ଥ, ଦେବର୍ଷିମାନଙ୍କ ମଧ୍ୟରେ ନାରଦ, ଗନ୍ଧର୍ବଙ୍କ ଭିତରେ ଗନ୍ଧର୍ବରାଜ ଚିତ୍ରରଥ, ସିଦ୍ଧପୁରୁଷମାନଙ୍କ ମଧ୍ୟରେ ସାଂଖ୍ୟ ପ୍ରବର୍ତ୍ତକ କପିଳମୁନି, ଅସ୍ତ୍ରମାନଙ୍କ ମଧ୍ୟରେ ବଜ୍ର, ଗାଭୀଙ୍କ ଭିତରେ କାମଦୁଗ୍ଧା ସୁରଭି, ଅଭିପ୍ସା ମଧ୍ୟରେ ସନ୍ତାନ ହେତୁ କନ୍ଦର୍ପ ବା କାମଦେବ, ସର୍ପଙ୍କ ଭିତରେ ବାସୁକି, ପୁନଶ୍ଚ ନାଗମାନଙ୍କ ମଧ୍ୟରେ ଅନନ୍ତ, ଜଳଜନ୍ତୁଙ୍କ ଭିତରେ ଜଳାଧିପ ବରୁଣ, ପିତୃମାନଙ୍କ ମଧ୍ୟରେ ପିତୃ ଅଧିପତି ଅର୍ଯ୍ୟମା, ସମସ୍ତ ସଂଯମତା, କଠୋର ନିୟମ ପାଳକ ମୃତ୍ୟୁଦେବ ଯମ ଦେବ, ଦୈତ୍ୟଙ୍କ ଭିତରେ ପ୍ରହଲ୍ଲାଦ, କଳନା ବା ଗଣନାକାରୀଙ୍କ ମଧ୍ୟରେ କାଳ ବା ସମୟ, ପଶୁମାନଙ୍କ ଭିତରେ ପଶୁରାଜ ସିଂହ ଓ ପକ୍ଷୀଙ୍କ ମଧ୍ୟରେ ସେ ହିଁ ଗରୁଡ଼ ଅଟନ୍ତି । ଶୁଦ୍ଧକର୍ତ୍ତାମାନଙ୍କ ମଧ୍ୟରେ ସେ ପବନ, ଶସ୍ତ୍ରଧାରୀଙ୍କ ଭିତରେ ରାମ, ମତ୍ସ୍ୟମାନଙ୍କ ମଧ୍ୟରେ ମଗର, ସ୍ରୋତମାନଙ୍କ ଭିତରେ ସେ ସ୍ୱୟଂ ଗଙ୍ଗାନଦୀ ରୂପରେ ପ୍ରତିଷ୍ଠିତ । ଏହିପରି ଭାବରେ ସେ ସର୍ବଥା ସର୍ବଦା ବିରାଜିତ ସର୍ବମୟକର୍ତ୍ତା ବିଧାତା । ନିଖିଳ ଜଗତରେ ସେ ସବୁଠାରେ ବିସ୍ତାରିତ । ଏପରିକି ଯେଉଁଠାରେ ଜଗତ ଅବା ଜଗତର କୌଣସି କଳ୍ପନା ମଧ୍ୟ ନାହିଁ, ସେଠାରେ କେବଳ ସେହି ବିରାଟ ପୁରୁଷ ବିଦ୍ୟମାନ ଅଛନ୍ତି । ତେଣୁ ସେ ହିଁ ସୃଷ୍ଟି ଓ ସୃଷ୍ଟିର ଅତୀତ । ଏ ସଚରାଚର ଜଗତକୁ ମାତ୍ର ଗୋଟିଏ ଅଂଶରେ ଧାରଣ କରି ତାହାରି ମଧ୍ୟରେ ବ୍ୟାପକ ଭାବରେ ଖେଳି ଖେଳାଇ ଚାଲିଛନ୍ତି । ତାଙ୍କର ଆଦି ନାହିଁ, ଅନ୍ତ ମଧ୍ୟ ନାହିଁ । ସେ ନିଜେ ତାଙ୍କ ଶ୍ରୀମୁଖରେ ସ୍ୱୀକାର କରି ଶ୍ରୀମଦ୍ ଭାଗବତଗୀତାରେ ''ବିଭୂତି-ଯୋଗ''କୁ ମାଧ୍ୟମ କରି ଅର୍ଜୁନଙ୍କୁ କହିଛନ୍ତି :

**ଅହଂ ସର୍ବସ୍ୟ ପ୍ରଭବୋ ମତ୍ତଃ ସର୍ବଂ ପ୍ରବର୍ତତେ ।**
**ଇତି ମତ୍ୱା ଭଜନ୍ତେ ମାଂ ବୁଧା ଭାବସମନ୍ୱିତାଃ ॥**

ଅର୍ଥାତ୍ - ''ମୁଁ ସବୁର ମୂଳ ଅଟେ । ମୋରି ଠାରୁ ସବୁ ପ୍ରବୃତ୍ତି ସୃଷ୍ଟି ହୁଅନ୍ତି ଏହା ସ୍ୱୀକାର କରି, ଏହି ଭାବ ଧରି ଜ୍ଞାନୀମାନେ ମତେ ହିଁ ଭଜନ୍ତି ।''

**ନାନୋଽସ୍ତି ମମ ବିଦ୍ୟାନାଂ ବିଭୂତୀନାଂ ପରଂତପ ।**
**ଏଷତୂଦ୍ଦେଶତଃ ପ୍ରୋକ୍ତୋ ବିଭୂତେର୍ବିସ୍ତରୋ ମୟା ॥**

ଅର୍ଥାତ୍- ''ହେ ପରନ୍ତପ (ଅର୍ଜ୍ଜୁନ), ମୋ ଦିବ୍ୟ ବିଭୂତିର ଅନ୍ତଃ ନାହିଁ । ଯେତିକି ବର୍ଣ୍ଣନା କଲି ତାହା କେବଳ ''ବିଭୂତି ଏହିପରି ବୋଲି'' ଦେଖାଇଦେବା ଉଦ୍ଦେଶ୍ୟରେ କହିଲି ।''

**ଯଦ୍ ଯଦ୍ ବିଭୂତିମତ୍ ସତ୍ତ୍ୱଂ ଶ୍ରୀମଦୂର୍ଜ୍ଜିତ ମେବ ବା ।**
**ତତ୍ତଦେବାବଗଚ୍ଛ ତ୍ୱଂ ମମ ତେଜୋଽଂଶସମ୍ଭବମ୍ ॥**

ଅର୍ଥାତ୍- ''ହେ ଅର୍ଜ୍ଜୁନ ! ଦଣ୍ଡିବା, କ୍ଷମିବା, ଚଳାଇବା ପ୍ରଭୃତି ବିଭୂତି ଥାଇ, ଐଶ୍ୱର୍ଯ୍ୟଯୁକ୍ତ, ଶୋଭାସଂପଦ ଯୁକ୍ତ, ଗୁଣାତିଶୟ ଯୁକ୍ତ ମହତ୍ ଗୁଣ ଥାଇ ଯେଉଁ ଯେଉଁ ବସ୍ତୁ, ଜନ୍ତୁ ବା ଯାହା କିଛି ହୁଏ, ସେ ସମସ୍ତ କେବଳ ମୋରି କଳା, ବିଭୂତି ପ୍ରଭାବରେ ହିଁ ସମ୍ଭବ ହୁଏ ବୋଲି ତୁ ଗ୍ରହଣ କର ।''

ତେଣୁ ଏହି ବିରାଟ ପୁରୁଷଙ୍କୁ ତାଙ୍କର ଇଚ୍ଛା ବା ପ୍ରତ୍ୟକ୍ଷ ଅହେତୁକ କୃପାବିନା କିଏ ବା ଜାଣିପାରିବ ? ଚିହ୍ନି ପାରିବ ? ଅନୁଭବ କରି ପାରିବ ? ଲୀଳାସୂତ୍ର ବୁଝିପାରିବ ? ତଥାପି ସମସ୍ତ ଅସମ୍ଭବ ପ୍ରଶ୍ନବାଚୀ ମଧ୍ୟରେ ''ସଂପୂର୍ଣ୍ଣ ସମ୍ଭବ''ର ସତ୍ତା ଯେ ବିଦ୍ୟମାନ ଏହାକୁ ମଧ୍ୟ ଅଧିକାଂଶ ବିଶ୍ୱାସ କରିପାରିବେ ନାହିଁ । କାରଣ ନିଜକୁ ଅନ୍ୟଠାରେ ପ୍ରକାଶ କରି ବିଶ୍ୱାସ ଦେବା ବା ଅନୁଭବର ଆଧାର ପ୍ରଦାନ କରିବା ମଧ୍ୟ ତାଙ୍କରି ଇଚ୍ଛା ଉପରେ ନିର୍ଭରଶୀଳ । ମାତ୍ର ଏକ ନିଷ୍ଠୁର ସତ୍ୟ ହେଉଛି- ଯିଏ ମନପ୍ରାଣ ଦେଇ ଦୃଢ଼ବିଶ୍ୱାସ ସ୍ଥାପନ କରି, ଅନାବିଳ  ପ୍ରେମ ମାଧ୍ୟମରେ ତାଙ୍କୁ ସର୍ବଦା ଚିନ୍ତନ, ମନନ କରୁଥାଏ, ତା ନିକଟରେ ସେ ସଂପୂର୍ଣ୍ଣ ପରାସ୍ତ ହୁଅନ୍ତି । ତାଙ୍କ ମାୟାଜାଲର କାର୍ଯ୍ୟକାରିଣୀ ଶକ୍ତି ସ୍ୱତଃ ଅବଶ ହୋଇପଡ଼େ ଏବଂ ଶେଷରେ ଧରାଦେବାକୁ ସେ ବାଧ୍ୟ ହୁଅନ୍ତି ।

ଆଜି ସମସ୍ତଙ୍କ ଅଗୋଚରରେ, ଅଜାଣତରେ, ଚିନ୍ତାର ଅତୀତରେ ସେହି ପରମପୁରୁଷ, ସର୍ବମୟ କର୍ତ୍ତା, ସର୍ବ ନିୟନ୍ତା, ସର୍ବଜୀବ ହର୍ତ୍ତା ବିରାଟ ପୁରୁଷ ନରଶରୀର ଗ୍ରହଣ କରି ଧରାବକ୍ଷରେ ନିତ୍ୟଲୀଳା ସଂରଚନ କରି ଚାଲିଛନ୍ତି । କିଏ ବା ତାଙ୍କୁ ଚିହ୍ନିପାରୁଛି ? କଟକ ଜିଲ୍ଲା ମାହାଙ୍ଗା ଗ୍ରାମରେ ଅନ୍ତଃସଲିଳା, ଗୁପ୍ତସ୍ରୋତା ଗଙ୍ଗା, ଯମୁନା ଓ ସରସ୍ୱତୀର ମିଳନ ସ୍ରୋତ ପୂଣ୍ୟତୋୟା ଜରିଆ କୂଳରେ ଅଖ୍ୟାତ ପଲ୍ଲୀ ବଗାର ସାହିର ମଉଡ଼ମଣି ସୁବର୍ଣ୍ଣ (ମାୟା) କ୍ଷେତ୍ର ପ୍ରତିଷ୍ଠା କରି ସ୍ୱଲୀଳା ସଂରଚନ କରି ଚାଲିଛନ୍ତି । ଭକ୍ତ ପ୍ରେମରେ ବିହ୍ୱଳ ହୋଇ

ଯୁଗଯୁଗଧରି ଜ୍ଞାନୀପୁତ୍ର, ଭକ୍ତମାନଙ୍କୁ ଦେଇ ଆସିଥିବା ବଚନକୁ ସାକାର କରି ନିରବଚ୍ଛିନ୍ନ ଭାବରେ ଯଜ୍ଞାନୁଷ୍ଠାନ, ସନାତନ କେତନ ଉତ୍ତୋଳନ ଓ ସତସଂଗ ଉତ୍ସବ ସଂଗଠିତ କରାଉଛନ୍ତି । ଜ୍ଞାନର ଖଡ୍ଗ ଧାରଣ କରି ଅଜ୍ଞାନ ରୂପକ ତମସା ନାଶ କରିବାର ସଂକଳ୍ପ ନେଇଛନ୍ତି । ନିଜର ଅଶେଷ ବିଭୂତିର ମହିମା ପ୍ରକଟିତ କରି ମାୟାବୀ ଜୀବକୁ ଆହ୍ୱାନ କରୁଛନ୍ତି । ସନ୍ତାନବତ୍ସଳ ଭାବଗ୍ରାହୀ କେବଳ ପ୍ରେମ, ସ୍ନେହ, ମମତା ରୂପକ ଧନୁରେ କ୍ଷମା ପୁଷ୍ପରେଣୁରେ ଗ୍ରନ୍ଥିତ ଗୁଣ ଦ୍ୱାରା ଆଶିଷର ଶର ସଂଧାନ କରି ନିକ୍ଷେପ କରି ଚାଲିଛନ୍ତି । ଯିଏ ଥରେ ସେହି ଶରର ସ୍ପର୍ଶ ପାଇଛି, ପାଉଛି, ସେ ଧନ୍ୟ ହୋଇ ଯାଇଛି, ଯାଉଛି ।

ସେହି କରୁଣାମୟଙ୍କ ପାର୍ଶ୍ୱବର୍ତ୍ତୀ ଜିଜ୍ଞାସୁ ସେବାୟତମାନେ ଆକୁଳ ନିବେଦନ କରି ସମସ୍ତ ଯଜ୍ଞାନୁଷ୍ଠାନର ଅନ୍ତରାଳରେ ରହିଥିବା କୈବଲ୍ୟମହିମା ତାଙ୍କଠାରୁ ଅବତରଣ କରାଇଥାଆନ୍ତି । ସେହି କ୍ରମରେ ଆଜିର ଏହି **''ଭୂମା ବିଭୂତି ମହାଯଜ୍ଞ''**ର ଅନ୍ତର୍ନିହିତ ତଥ୍ୟ ପ୍ରକାଶ ପାଇଁ ନାନାଦି ସ୍ତୁତି ସହ ବିନମ୍ର ଭାବରେ ଅନୁଗତ ସେବାୟତଟିଏ ଜିଜ୍ଞାସା କଲା :

**ହେ ଦେବ ! ଅନନ୍ତ ଗୋସାଇଁ । ଭକ୍ତ ବତ୍ସଳ ଭାବଗ୍ରାହୀ ॥**
**ଭୋ ଦେବ ! ସ୍ୱର୍ଣ୍ଣକ୍ଷେତ୍ର ପତି । ନରତନୁରେ ମହାଜ୍ୟୋତି ॥**
**ଜୟତୁ ସ୍ୱାମୀ ପରଂବ୍ରହ୍ମ । ନିଜମାୟାରେ ଜୀବବ୍ରହ୍ମ ॥**
**ଜୟତୁ ଜୟ ଛଦ୍ମବେଶୀ । ଭକ୍ତ ଭାବକୁ ବ୍ରହ୍ମରାଶି ॥**
**ଯାହାଙ୍କ ନାହିଁ ଆଦି ଅନ୍ତ । କି ଭାବେ କରିବଇଁ ବ୍ୟକ୍ତ ॥**
**ସଚରାଚର ବ୍ରହ୍ମାଣ୍ଡରେ । ବ୍ରହ୍ମ ବିଭୂତି ନିତ୍ୟ ଝରେ ॥**
**ସବୁତ ତୁମରି ମହିମା । କେ ଦେଇ ପାରିବ ଉପମା ॥**
**ନିଜେ ତ ନରତନୁ ଧରି । ନିଜ କଳାରେ ଅବତରି ॥**
**ଖେଳି ଖେଳାଇ ଚାଲିଅଛ । ବ୍ରହ୍ମ ଆନନ୍ଦ ବାଣ୍ଟୁଅଛ ॥**
**କେଉଁ କାରଣେ ମହାବାହୁ । ସବୁ ପାଖରେ ଥାଉ ଥାଉ ॥**
**ଭୂମା ବିଭୂତି ମହାଯଜ୍ଞ । କରାଉ ଅଛ ହେ ସର୍ବଜ୍ଞ ॥**
**ମନ ମୋ ହେଉଛି ବ୍ୟାକୁଳ । ସନ୍ଦେହ ଫେଡ଼ ଆଦିମୂଳ ॥**

ହେ ପ୍ରଭୁ ! ତୁମେ ହିଁ ସର୍ବାଧାର । ସ୍ୱୟଂ ସଂପୂର୍ଣ୍ଣ । ନିଜ ଇଚ୍ଛାମତେ ନିଜ କଳାରେ ଅବତରିତ ହୋଇ ନିଜର ଲୀଳା ସଂରଚନ କରି ଚାଲିଛ । ତୁମର

ଆଦି ନାହିଁ କି ଅନ୍ତ ନାହିଁ । ଧରାପୃଷ୍ଠରେ ନରତନୁ ଧରି ନିଜେ ଉପସ୍ଥିତ ରହି ନିଜର ମହିମା ପ୍ରକଟ କରି ଚାଲିଛ । ତଥାପି କାହିଁକି ଏହି ''ଭୂମା ବିଭୂତି ମହାଯଜ୍ଞ'' କରାଉଅଛ ? ସେ ବିଷୟରେ ଜାଣିବା ପାଇଁ ମନ ବ୍ୟାକୁଳ ହେଉଛି । ତେଣୁ ହେ ମଙ୍ଗଳମୟ ! କରୁଣାକରି ସେ ସଂପର୍କରେ ମୋତେ ବୁଝାଇ ଦିଅନ୍ତୁ । ଆର୍ତ୍ତ ଅନୁଗତର ଜିଜ୍ଞାସାରେ ସନ୍ତୁଷ୍ଟ ହୋଇ ବ୍ରହ୍ମାଣ୍ଡପତି ମୃଦୁ ହସିଦେଇ, କହିଲେ :

**ଶୁଣରେମୋର ପ୍ରିୟ ଶିଷ୍ୟ । ବିଭୂତି ଯଜ୍ଞର ରହସ୍ୟ ॥**
**ବିଭୂତି ଆଧାରରୁ ସୃଷ୍ଟି । ଭୂମା ହିଁ ସ୍ୱୟଂ ପରମେଷ୍ଠୀ ॥**
**ତାଙ୍କରି ନିଜ ଇଚ୍ଛା ବଳେ । କୋଟି ବ୍ରହ୍ମାଣ୍ଡ ନିତ୍ୟ ଚଳେ ॥**
**ସବୁରି ମୂଳେ ବିରାଜନ୍ତି । ଗୁପ୍ତେ ବିଭୂତି ପ୍ରକାଶନ୍ତି ॥**
**ବିଭୂତି ଦର୍ଶନ ନହୁଏ । ଅନୁଭବରେ ଯୋଗୀ ପାଏ ॥**
**ସମାଧି ଅବସ୍ଥାରେ ଥାଇ । ସାଧକ ଯୋଗୀ ଯା' ଇଚ୍ଛଇ ॥**
**ଦର୍ଶନ ବିଭୂତିର ବଳେ । ବ୍ରହ୍ମରୁ ବର ଆପେ ଚଳେ ॥**
**କାମନା ତାର ପୂର୍ଣ୍ଣ ହୁଏ । ସୂକ୍ଷ୍ମରେ ବିଭୂତି ସେ ପାଏ ॥**
**ସେହି କ୍ରମରେ ଜଣେ ଋଷି । ସାଧନେ ଭୂମାଙ୍କୁ ଆକର୍ଷି ॥**
**ମାଗିଣ ଥିଲେ ଏହି ଯାଗ । ଜୀବ କଲ୍ୟାଣେ ଆତ୍ମୋତ୍ସର୍ଗ ॥**

କରୁଣାମୟ କହିଲେ, ରେ ମୋର ପ୍ରିୟ ଶିଷ୍ୟ । ତୋର ମନରେ ଆଗ୍ରହ ଦେଖି ଏ ଯଜ୍ଞର ରହସ୍ୟ କହୁଛି, ମନଦେଇ ଶୁଣ । **ଭୂମା** ହିଁ ସେହି ପରମପୁରୁଷ ପରମେଷ୍ଠୀ । ତାଙ୍କରି ବିଭୂତି ପ୍ରଭାବରେ ଏ ସୃଷ୍ଟି ରଚିତ ହୋଇଅଛି । ବିଭୂତି ଦ୍ୱାରା କୋଟି କୋଟି ବ୍ରହ୍ମାଣ୍ଡ ନିର୍ଦ୍ଧାରିତ ରୀତି, ନୀତିରେ ଚଳୁଅଛି । ସବୁରି ମୂଳରେ ସେ ହିଁ ବିରାଜମାନ କରି ଗୁପ୍ତରେ ନିଜର ବିଭୂତି ପ୍ରକାଶ କରି ଚାଲିଥାନ୍ତି । ଏହି ବିଭୂତିର ନିର୍ଦ୍ଦିଷ୍ଟ ରୂପ ନାହିଁ । ତେଣୁ ଏହା ଦୃଶ୍ୟମାନ ନୁହେଁ । ଏହାକୁ କେବଳ ଅନୁଭବ କରିହୁଏ । ଯୋଗୀ ସାଧନ କରି ସମାଧିସ୍ଥ ହୋଇଗଲେ, ସମାଧି ଅବସ୍ଥାରେ ବ୍ରହ୍ମଙ୍କର କଳ୍ପିତ ରୂପସହ ସଂଯୋଗ ସ୍ଥାପିତ ହୋଇଥାଏ । ସେହି ସମୟରେ ସାଧକ ଯୋଗୀ ଯାହା ଇଚ୍ଛାକରେ, ଦର୍ଶନ ବିଭୂତିର ପ୍ରଭାବରେ ସେହି ଇଚ୍ଛା ପୂର୍ଣ୍ଣ ହେବାର ଆଶୀର୍ବାଦ ଆପେ ଆପେ ବ୍ରହ୍ମସତ୍ତା ମଧ୍ୟରୁ ନିର୍ଗତ

ହୋଇଯାଏ ଏବଂ ସୂକ୍ଷ୍ମରେ ଯୋଗୀ ବ୍ରହ୍ମ ବିଭୂତି ପ୍ରାପ୍ତ ହୋଇଯାଏ । ସେହି କ୍ରମରେ ଜଣେ ଋଷି ସମାଧି ଅବସ୍ଥାରେ ଭୂମାଙ୍କୁ ପ୍ରାପ୍ତ ହୋଇ ଏହି ଯଜ୍ଞାନୁଷ୍ଠାନ ଇଚ୍ଛାକରି ଜୀବକଲ୍ୟାଣ ଉଦ୍ଦେଶ୍ୟରେ ବ୍ରହ୍ମପାଦରେ ନିଜର ଆତ୍ମା ଉତ୍ସର୍ଗ କରିଥିଲେ । ସେହି ମହାପୁରୁଷଙ୍କୁ ଦିଆଯାଇଥିବା ବଚନ ଅନୁଯାୟୀ ଆଜି **ଭୂମା ବିଭୂତି ମହାଯଜ୍ଞ** କରାଇବାକୁ ପଡୁଛି ।

ଶ୍ରୀଅଧରରୁ ଅମୃତବାଣୀ ଶୁଣିବାପରେ ଜିଜ୍ଞାସୁ ଜଣକ ପୁନଶ୍ଚ ନିବେଦନ କଲା :

**ହେ ବିଶ୍ୱ ନିୟନ୍ତା ଭୂତେଶ । ପୁରୁଷୋତ୍ତମ କୃପାଇଶ ।।**
**ବିଶ୍ୱ ପ୍ରକାଶ ଜନାର୍ଦ୍ଦନ । ତ୍ରିଲୋକ ପୂଜ୍ୟ ଗରୀୟାନ ।।**
**କାଳେ କାଳେ ଛଳନା ଜାଲ । ତଥାପି ପ୍ରଭୁ ନ ଛାଡ଼ିଲ ।।**
**ଋଷି ମାଗିର୍ଲେ କହିଦେଲ । ଋଷିଙ୍କ ନାମ ନ କହିଲ ।।**
**କିଏ ସେ ମହାନ ପୁରୁଷ । ଭୂମାଙ୍କୁ କରିଲେ ଅବଶ ।।**
**କେଉଁ ସାଧନ କରିଥିଲେ । କିପରି ତୁମକୁ ପାଇଲେ ।।**
**ବିସ୍ତାରୀ କୁହ ଭାବଗ୍ରାହୀ । ତୁମ ବିନା ମୋ କେହି ନାହିଁ ।।**

ପ୍ରଭୁଙ୍କ ଉତ୍ତରରେ ପୁନଃ ବ୍ୟାକୁଳତା ପ୍ରକାଶ କରି ଅନୁଗତ ସେବକ କହିଲା, ''ହେ ବିଶ୍ୱନିୟନ୍ତା ଭୂତେଶ ! ହେ ପୁରୁଷୋତ୍ତମ, କୃପାଇଶ ! ହେ ବିଶ୍ୱପ୍ରକାଶ ! ହେ ଜନାର୍ଦ୍ଦନ ! ତ୍ରିଲୋକ ପୂଜିତ ସ୍ୱୟଂଭୁ ! କାଳେ କାଳେ ତୁମର ଛଳନା ଗଲାନହିଁ । ଜଣେ ଋଷି ଏହି ଯଜ୍ଞ କରିବା ପାଇଁ ମାଗିଥିଲେ କହି ଉତ୍ତର ସାରିଦେଲ । କିନ୍ତୁ କିଏ ସେ ଋଷି ? ତାଙ୍କର ନାମ, ଧାମ, ସାଧନ, ସମୟ ଇତ୍ୟାଦି କିଛି କହିଲ ନାହିଁ । ତେଣୁ ହେ କୃପାଳୁ ! ଅନୁଗ୍ରହ କରି ସେ ସମସ୍ତ ବିଷୟ ବିସ୍ତୃତ ଭାବରେ ପ୍ରକାଶ କରି ଏ ଜନ୍ମ, ଜୀବନ ଧନ୍ୟ କରାଅ ପ୍ରଭୁ !''

ଜିଜ୍ଞାସୁ ସେବକର ଏତାଦୃଶ ବ୍ୟାକୁଳତା ଦେଖି ଅନ୍ତର୍ଯ୍ୟାମୀ ପ୍ରୀତ ହୋଇଗଲେ, ଏବଂ କହିଲେ :

ଯେଉଁ ପ୍ରସଙ୍ଗ ପଚାରୁଛୁ । ଜାଣିବା ପାଇଁ ଇଚ୍ଛୁଅଛୁ ॥
ଅତୀବ ଗହନ ଅଟଇ । ଯୁଗ ଯୁଗରୁ ଅଛି ରହି ॥
ସତ୍ୟରୁ କଳିଯୁଗ ଯାଏ । ଚାରୋଟି ଯୁଗ ଭୋଗହୁଏ ॥
ସେ ମହାରଷି ଜ୍ଞାନ ପାଇଁ । ପ୍ରତିଯୁଗରେ ଜନ୍ମ ନେଇ ॥
ବ୍ରହ୍ମଜ୍ଞାନକୁ ପ୍ରାପ୍ତ ହେଲେ । ଭୂମା ବିଭୂତି ଜ୍ଞାତ ହେଲେ ॥
ତାଙ୍କର ଜୀବନ ବୃତ୍ତାନ୍ତ । ତପ ସାଧନ ମହାବ୍ରତ ॥
କହୁଛି ଶୁଣ ମନ ଦେଇ । ଶୁଣିଲେ ଧନ୍ୟ ହେବୁ ତୁହି ॥
ସତ୍ୟରେ ନାମ ''ପ୍ରଜ୍ଞାଦତ୍ତ''। ଋଷି କୁଳରେ ହେଲେ ଜାତ ॥
ଜନକ ''ଶୁରିତ ବ୍ରହ୍ମା'' ଋଷି । ଜନନୀ ''ବିଦ୍ୟାବତୀ'' ଶଶି ॥
ଉଜ୍ଜୟିନୀରେ ବ୍ରହ୍ମାଶ୍ରମ । ଅଟଇ ତାଙ୍କ ନିଜ ଧାମ ॥
ପିତା ମାତାଙ୍କ ତପବଳେ । ଶୈଶବୁ ବ୍ରହ୍ମନାମ ଭାଳେ ॥
ଶୁରିତ ବ୍ରହ୍ମା ବ୍ରହ୍ମଜ୍ଞାନୀ । ପିଣ୍ଡତତ୍ତ୍ୱରେ ମହାଧନୀ ॥
କୁମର ପ୍ରଜ୍ଞା ସତ୍ତା ଦେଖି । ଯତନେ ଗୁଣକୁ ପରଖି ॥
ଚିନ୍ତିଲେ ତେଜିବେ କୁମର । ମାତାଙ୍କୁ ହେଲା ଅଗୋଚର ॥
'ଚାରୁଣ୍ୟାବ୍ରତ'' ବ୍ରହ୍ମଋଷି । ନିତ୍ୟ ରାସରେ ଥିଲେ ରସି ॥
କୁମର ସାତବର୍ଷ ହେଲା । ପିତାଙ୍କ ମନ ଉଚ୍ଛୁଳିଲା ॥
ବିଧାନେ ଉପବୀତ ଦେଇ । ବ୍ରହ୍ମଚାରୀର ଦୀକ୍ଷା କହି ॥
ଗୁରୁ ଚାରୁଣ୍ୟାବ୍ରତ ପାଶେ । ପ୍ରେରଣ କଲେ ପୁତ୍ର ଶେଷେ ॥
ଅମୂଲ୍ୟଧନ ପାଇ ଗୁରୁ । ଆନନ୍ଦେ ଦେଇ ଯଜ୍ଞ ଚରୁ ॥
ଶିଷ୍ୟକୁ ସ୍ୱୀକାର କରିଲେ । ବ୍ରହ୍ମଜ୍ଞାନର ଦୀକ୍ଷା ଦେଲେ ॥
ଛାୟା ସଦୃଶ ପାଶେ ରହି । ଯତନେ ଦିଅନ୍ତି ବୁଝାଇ ॥

ପ୍ରେମାବତାରଙ୍କ ଶ୍ରୀଅଧରରୁ ଝରିଆସିଲା, ବତ୍ସ ! ତୁ ଯେଉଁ ପ୍ରସଙ୍ଗ ଜାଣିବାପାଇଁ ଆଗ୍ରହ ପ୍ରକାଶ କରୁଛୁ, ତାହା ଅତ୍ୟନ୍ତ ଗହନ କଥା । ''ଭୂମା ବିଭୂତି''ର ମୂଳଭିତ୍ତି ସତ୍ୟଯୁଗରୁ ହିଁ ଆରମ୍ଭ ହୋଇଥିଲା । ଜଣେ ଋଷି କଠୋର ତପ ଆଚରଣ କରି ଚାରିଯୁଗରେ ଜନ୍ମ ନେଇଥିଲେ ଏବଂ ପ୍ରତିଯୁଗରେ ଆଂଶିକ ଜ୍ଞାନ ଆହରଣ କରି ଶେଷ ଜନ୍ମ ଏହି କଳିଯୁଗରେ ପୂର୍ଣ୍ଣଜ୍ଞାନ ପ୍ରାପ୍ତ ହୋଇଥିଲେ । ସେ ସମସ୍ତ ବିଷୟ ବିସ୍ତାର ଭାବରେ ଆଲୋଚନା କଲେ ଏକ ମହାପୁରୁଣ ହୋଇଯିବ । ତେଣୁ ସଂକ୍ଷେପରେ ପ୍ରକାଶ କରୁଛି, ସ୍ଥିର ଚିତ୍ତ ହୋଇ ଶୁଣ ।

ସତ୍ୟଯୁଗରେ ଉଜ୍ଜୟିନୀ ନଗ୍ର ଏକ ଉପାନ୍ତ ଅରଣ୍ୟରେ ଶୁରିତବ୍ରହ୍ମା ନାମକ ଏକ ବ୍ରହ୍ମର୍ଷି ରହିଥିଲେ । ତାଙ୍କ ସୁପତ୍ନୀଙ୍କ ନାମ ବିଦ୍ୟାବତୀ । ଋଷି ଶୁରିତବ୍ରହ୍ମା ପିଣ୍ଡତତ୍ତ୍ୱରେ ସିଦ୍ଧିଲାଭ କରି ସର୍ବଦା ନିତ୍ୟରାସରେ ମଗ୍ନ ହୋଇ ରହୁଥିଲେ । ତାଙ୍କର ପୁଣ୍ୟ ପ୍ରଭାବରେ ସତୀ ବିଦ୍ୟାବତୀଙ୍କ ଗର୍ଭରୁ ଏକ ସୁପୁତ୍ର ଭୂମିଷ୍ଠ ହେଲେ । ଶ୍ରଦ୍ଧାରେ ନାମକରଣ କଲେ ''ପ୍ରଜ୍ଞାଦତ୍ତ'' । ବ୍ରହ୍ମର୍ଷି-ନିତ୍ୟସିଦ୍ଧ ବ୍ରହ୍ମବୀର୍ଯ୍ୟରୁ ସୃଷ୍ଟି ଏହି ଶିଶୁ ଶୈଶବରୁ ହିଁ ବ୍ରହ୍ମ ଅନୁରକ୍ତ ହୋଇଗଲେ । ତ୍ରିକାଳଦର୍ଶୀ ପିତା ପୁତ୍ରର ଲକ୍ଷଣ, ଗୁଣରାଶିକୁ ଲକ୍ଷ୍ୟକରି ତାହାକୁ ଅନ୍ୟଏକ ଗୁରୁକୁଳ ଆଶ୍ରମରେ ପୂର୍ଣ୍ଣାଙ୍ଗ କରିବାର ନିଷ୍ପତ୍ତି ନେଲେ । ଶୈଶବର ସପ୍ତମବର୍ଷ ଅତିକ୍ରାନ୍ତ ହେବାପରେ ବୈଦିକ ବିଧାନରେ ତାହାକୁ ଯଜ୍ଞ ଉପବୀତ ଗ୍ରହଣ କରାଇ ଗାୟତ୍ରୀ ଛନ୍ଦରେ ଶରୀର ମାର୍ଜିତ କଲେ ଏବଂ ନିଜ ଆଶ୍ରମର ଅନେକ ଦୂରରେ ବ୍ରହ୍ମର୍ଷି ''ଚାରୁଣ୍ୟାବ୍ରତ''ଙ୍କୁ ସମର୍ପଣ କରିଦେଲେ । ଗୁରୁ ଚାରୁଣ୍ୟାବ୍ରତ ଶ୍ରଦ୍ଧାରେ ପ୍ରଜ୍ଞାଦତ୍ତଙ୍କୁ ଶିଷ୍ୟରୂପରେ ଗ୍ରହଣ କରି ''ବ୍ରହ୍ମଜ୍ଞାନ'' ଦୀକ୍ଷା ପ୍ରଦାନ କରିବା ସହ ପ୍ରଜ୍ଞାନନ୍ଦ ନାମ କରଣ କଲେ ଏବଂ ଛାୟାପରି ପାଖେ ପାଖେ ରହି ନିଗୂଢ଼ ତତ୍ତ୍ୱ ବୁଝାଇବାକୁ ଲାଗିଲେ ।

**ଚନ୍ଦ୍ରକଳାର ବୃଦ୍ଧି ସମ । ପ୍ରଜ୍ଞାଦତ୍ତର ଯୋଗକ୍ରମ ॥**
**ଗୁଢ଼ରୁ ଗୁଢ଼ତର ହେଲା । ବାର ବରଷ ବିତିଗଲା ॥**
**ସାଧନ ପ୍ରତି ସ୍ତର ଭେଦ । ଗମିଲେ ଉପେକ୍ଷି ପ୍ରମାଦ ॥**
**କେଉଁ ସ୍ତରରେ କେଉଁ ପ୍ରାପ୍ତି । ଶୁଣତୁ ହୋଇ ସ୍ଥିର ମତି ॥**
**ପ୍ରଥମେ 'ସ୍ଥୂଳ' ଆଚରିଲେ । ନିର୍ବୀଜ ଜ୍ଞାନ ପ୍ରାପ୍ତହେଲେ ॥**

ଗଭିହି ତ୍ୱକହ ଶବଦ । ନିର୍ଣ୍ଣୟ କଲେ ତହିଁ ଭେଦ ॥
ସ୍ଥିର ହୋଇଲା ତାଙ୍କ ମତି । କ୍ଷିପ୍ର ହୋଇଲା ବ୍ରହ୍ମଗତି ॥
ସୂକ୍ଷ୍ମ ଜଗତ ସ୍ପର୍ଶକଲେ । ତତ୍ତ୍ୱକ କ୍ରିୟା ଆଚରିଲେ ॥
ତତ୍ତ୍ୱଜ୍ଞାନକୁ ହେଲେ ଯୋଗ୍ୟ । ଉନ୍ମୁକ୍ତ ହୋଇଗଲା ଭାଗ୍ୟ ॥
'ସ୍ଥୂଳ' ସାଧନା ସିଦ୍ଧି ହେଲା । ଗୁରୁଙ୍କ କୃପା ସ୍ପର୍ଶ କଲା ॥

ଗୁରୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସାଧକ ପ୍ରଜ୍ଞାନନ୍ଦ ତାଙ୍କର କର୍ମଯୋଗ ଆରମ୍ଭକଲେ । ଗୁରୁ ସାଧନ କ୍ରମ ଅନୁସାରେ ପ୍ରଥମେ ''ସ୍ଥୂଳ'' ସାଧନର ନିର୍ଦ୍ଦେଶ ଓ ପ୍ରଣାଳୀ ଦେଲେ । ଶ୍ରଦ୍ଧାବାନ ଶିଷ୍ୟ ଚନ୍ଦ୍ରକଳାର ବୃଦ୍ଧି ପରି ଗୁରୁଙ୍କ ଆଦେଶ, ନିର୍ଦ୍ଦେଶକୁ ନିର୍ବିକାର, ନିର୍ବିଚାର ଭାବରେ ପାଳନ କରି ସାଧନର ସମସ୍ତ ବିଘ୍ନ, ପ୍ରମାଦ ଅତିକ୍ରମ କରିଗଲେ । ଏହି ''ସ୍ଥୂଳ'' ସାଧନ ଅବସ୍ଥାରେ ସେ ନିମ୍ନୋଜଃ, ଗଭିଃତ୍ୱକଃ, ଶବ୍ଦ+ଭେଦ ଓ ସୂକ୍ଷ୍ମଜଗତର ତତ୍ତ୍ୱଜଃ କ୍ରିୟା ପାଇଁ ସାମର୍ଥ୍ୟ ହାସଲ କରି ଗୁରୁକୃପା ପ୍ରାପତ ହେଲେ ଏବଂ ତତ୍ତ୍ୱଜ୍ଞାନ ଆହରଣ ପାଇଁ ଯୋଗ୍ୟ ହୋଇଗଲେ । ''ସ୍ଥୂଳ'' ସିଦ୍ଧି ପ୍ରାପ୍ତ ହେଲା ।

''ସ୍ଥୂଳ'' ସାଧନେ ହୋଇ ପ୍ରୀତ । ଶ୍ରୀଗୁରୁ ଦେଲେ ''ଯମ'' ବ୍ରତ ॥
ଗୁରୁ ନିଷ୍ଠାରେ ଦୃଢ଼ ହୋଇ । ଯୋଗ ସାଧନେ ସ୍ଥିର ରହି ॥
ପାଞ୍ଚ ବରଷ ଗତ ହେଲା । ବ୍ରହ୍ମରୁ ଆଶିଷ ଝରିଲା ॥
'ଶଜକ', 'ନିଶବ୍ଦ' ଓ 'ଭେଦ' । 'ତତ୍ତ୍ୱକଯାନ' ଗୁପ୍ତ ମୋଦ ॥
'ଶୌତ୍ରିହି', 'ଇକ୍ଷୁ', 'ମହାଯାନ'। ସୂକ୍ଷ୍ମରେ କଲେ ନିର୍ବାଚନ ॥
ଶିଷ୍ୟର ନିଷ୍ଠା କର୍ମଯୋଗ । ସୂକ୍ଷ୍ମରେ ବ୍ରହ୍ମଙ୍କ ସଂଯୋଗ ॥
ଦେଖି ସେ ଗୁରୁ କୃପାକଲେ । 'ଯମ' ସାଧନ ସିଦ୍ଧି ଦେଲେ ॥

ପ୍ରଜ୍ଞାନନ୍ଦଙ୍କର 'ସ୍ଥୂଳ' ସିଦ୍ଧି ପ୍ରାପ୍ତି ପରେ, ଗୁରୁ ତାଙ୍କୁ ଦ୍ୱିତୀୟ ପାବଚ୍ଛ 'ଯମ' ସାଧନ ବ୍ରତ ଦାନକଲେ । ଅତ୍ୟନ୍ତ ଶ୍ରଦ୍ଧା, ନିଷ୍ଠା ଯୁକ୍ତ କର୍ମଯୋଗ ଦ୍ୱାରା ମାତ୍ର ପାଞ୍ଚବର୍ଷ ସମୟ ଭିତରେ ସେ 'ଶଜକ',

'ନିଶଢ', 'ଭେଦ', 'ତତ୍ତ୍ୱକଯାନ', 'ମହାର୍ଯାନ', 'ଶୌତ୍ରିଃ ଇକ୍ଷୁ' ସ୍ତର ଅତିକ୍ରମ କରି ସେ ସଂପର୍କିତ ସମସ୍ତ ତତ୍ତ୍ୱଜ୍ଞାନ ପ୍ରାପ୍ତ ହେଲେ ଏବଂ 'ଯମ' ସାଧନ ସିଦ୍ଧ ହୋଇଗଲେ । ସାଧନ କ୍ରମର ଏହି ଯେଉଁ ସ୍ତର ବିଷୟରେ କହୁଛି ତାହାର ବିଶଦ ବ୍ୟାଖ୍ୟା ଅସରନ୍ତି ଗ୍ରନ୍ଥ ହୋଇଯିବ । ତେଣୁ ତୋର ଜାଣିବା ପାଇଁ କେବଳ ନାମ କହି ଦେଉଛି ।

**'ଯମର' ଅନ୍ତେ 'ନିୟମ' କୁ । କରିଲେ ପ୍ରଦାନ ଶିଷ୍ୟକୁ ॥**
**ଅବିଚଳିତ ଯୋଗ୍ୟ ଶିଷ୍ୟ । ଗୁରୁଙ୍କୁ କରିଣ ଉପାସ୍ୟ ॥**
**ତିନିବରଷ ମାତ୍ର ନେଲେ । 'ନିୟମ' ଅତିକ୍ରମି ଗଲେ ॥**
**ଏହି ସାଧନ କଷ୍ଟକର । ସାଧକ ଜୀବନ ଦୁଃଖର ॥**
**ତଥାପି ଗୁରୁକୃପା ବଳେ । ସାଧକ ରହିଲେ ଅଟଳେ ॥**
**ଏହି ସମୟେ ଯେଉଁ ସିଦ୍ଧି । ପାଇଲେ ସେହି ତପୋନିଧି ॥**
**କହୁଛି ଶୁଣ ମନଦେଇ । ଲୟରେ ଧ୍ୟେୟଙ୍କୁ ବସାଇ ॥**
**'ଶୌଣ୍ଡିକ କର୍ମ' 'ଶୌଧ' ସୂକ୍ଷ୍ମ । ଉଦ୍ଧାନକ ବାୟୁ 'ରା' ମର୍ମ ॥**
**ତା ସଙ୍ଗେ 'ଭୂଧିକହ' କ୍ରିୟା । 'ରୌହୀକ' ପ୍ରବେଶିଲା କାୟା॥**
**'ସୂକ୍ଷ୍ମଃ' 'ନିତିପୂର୍ଣ୍ଣ ନିଷ୍ଠା' । 'ଶଦହ' ହୋଇଲା ପ୍ରତିଷ୍ଠା ॥**
**ଏ ଭାବେ 'ନିୟମ' ର ସିଦ୍ଧି । ପ୍ରାପ୍ତ ହୋଇଲେ ଗୁରୁନିଧି ॥**

''ଯମ'' ସାଧନ ସମାପ୍ତି ପରେ ଗୁରୁ ପ୍ରଜ୍ଞାନନ୍ଦଙ୍କୁ 'ନିୟମ'ର ସାଧନ ସୂତ୍ର ପ୍ରଦାନକଲେ । ଉକ୍ତ 'ନିୟମ' ସାଧନ ପୂର୍ବ ଅପେକ୍ଷା ଗୁରୁତର ଓ କଷ୍ଟସାଧ୍ୟ । ତଥାପି ଗୁରୁବଚନ ଦୃଢ଼ କରି ସାଧକ ପ୍ରଜ୍ଞାନନ୍ଦ ଅକ୍ଳେଶରେ ଏହି ଅବସ୍ଥା ଉତ୍ତୀର୍ଣ୍ଣ ହୋଇଗଲେ । ଏହି ସମୟରେ ତାଙ୍କର 'ଶୌଧଃ ସୂକ୍ଷ୍ମଃ', 'ଶୌଣ୍ଡିକ କର୍ମ', ଉଦାନକଃ ବାୟୁ 'ରା' ତତ୍ତ୍ୱ, 'ଭୂଧିକଃ କ୍ରିୟା', ରୌହୀକ ସୂକ୍ଷ୍ମ', 'ନିତିପୂର୍ଣ୍ଣ ନିଷ୍ଠା, ଶଦଃ' ସମ୍ବନ୍ଧୀୟ ସୂକ୍ଷ୍ମ ତତ୍ତ୍ୱଜ୍ଞାନ ପ୍ରାପ୍ତ ହେଲା ଓ ସେ ''ନିୟମ'' ସ୍ତର ସିଦ୍ଧି ପ୍ରାପ୍ତ ହେଲେ ।

‘ନିୟମ’ ପରକୁ ‘ଆସନ’ । ବୁଝାଇ ଦେଲେ ଗୁରୁରାଣ ॥
ଏକବରଷ ସାତମାସ । ‘ଆସନ’ ହୋଇଗଲା ଶେଷ ॥
‘ଶୁଚିଃ କର୍ମ’ ଏ ‘ଦୃତହକ’ । ‘ଯୋଗ ଚପଳ’ ଓ ‘ନିତୃକ’ ॥
‘ଶୁରୀତ୍ୱକ୍ଷହ’ ଓ ‘ଭଇରୀ’ । ଜ୍ଞାନ ଆସିଲା ଅବତରି ॥
‘ପ୍ରଜ୍ଞା’ ଙ୍କ ପ୍ରଜ୍ଞା ତେଜ ଦେଖି । ଚକିତ ହେଲେ ପଦ୍ମଆଖି ॥
ଶ୍ରୀଗୁରୁ ଅତ୍ୟନ୍ତ ପ୍ରସନ୍ନ । ଶ୍ରଦ୍ଧାରେ ଦେଇଦେଲେ ‘ଧ୍ୟାନ’ ॥
ଗୁରୁଙ୍କୁ ଆଚମ୍ବିତ କରି । ଧ୍ୟାନେ ରହିଲେ ମେରୁ ପରି ॥
ସାତଟି ମାସ ମାତ୍ର ନେଲେ । ‘ଧ୍ୟାନ’ ସିଦ୍ଧିକୁ ପ୍ରାପ୍ତ ହେଲେ ॥
ଏହି ସିଦ୍ଧିର ପ୍ରଭାବରେ । ‘ନୈଷ୍ଠିକ ଲୟ’ ଲାଭ କଲେ ॥
‘‘ଇନ୍ଦ୍ରିୟ ସଂଯମ’’ ଶକତି । ପିଣ୍ଡରେ ରଖିଲେ ସାଇତି ॥
‘ପ୍ରକୃତି ସୂକ୍ଷ୍ମ ନିଷ୍ଠାକର୍ମ’ । ପ୍ରାପ୍ତ ହୋଇଲେ ତା’ର ମର୍ମ ॥
‘ଧ୍ୟାନ’ ସିଦ୍ଧିକୁ ଗଣ୍ଠିକରି । ‘ଧାରଣା’ ପାବଚ୍ଛକୁ ଧରି ॥
ଚାଲିଲେ ଆଗକୁ ଆଗକୁ । ସୂକ୍ଷ୍ମେ ଅଗମ୍ୟ ଗମିବାକୁ ॥
‘ଇସ୍ରୋପୃଶ୍ୟ’ର ଧାରଣାରେ । ‘ଶ୍ରୁତହ’ ମୟି ରୟି ଧାରେ ॥
ଗମି ‘‘ବିଷ୍ଣୁଯାନ ମଣ୍ଡଳ’’ । ଶରୀରେ ଜ୍ଞାନ ହେଲା ଠୁଳ ॥
‘ଧାରଣା’ ସୋପାନର ସିଦ୍ଧି । ପ୍ରାପ୍ତ ହୋଇଲେ ମହାବୁଦ୍ଧି ॥

ସଦ୍‌ଗୁରୁଙ୍କର ସତ୍‌ଶିଷ୍ୟ ପ୍ରଜ୍ଞାନନ୍ଦ ‘‘ନିୟମ’’ ପରେ ‘‘ଆସନ’’ ସୂତ୍ର ପ୍ରାପ୍ତ ହେଲେ । ମାତ୍ର ଏକବର୍ଷ ସାତମାସ ମଧ୍ୟରେ ‘‘ଆସନ’’ ସିଦ୍ଧି ଲାଭ କଲେ । ଏହି ଅବସ୍ଥାରେ ‘‘ଶୁଚିଃ କର୍ମଃ ଦୃତଃକ’’, ‘‘ଯୋଗଚପଳ’’, ‘‘ନିତୃକ’’, ‘‘ଶୁରୀତ୍ୱକ୍ଷଃ’’ ଏବଂ ‘‘ଭୈରୀ’’ ସ୍ତର ଅତିକ୍ରମ କରି ‘‘ଧ୍ୟାନ’’ ଅବସ୍ଥା ପାଇଁ ଯୋଗ୍ୟ ହୋଇଗଲେ । ତେଣୁ ଗୁରୁ ଆଉ ଅପେକ୍ଷା ନକରି ତାଙ୍କୁ ‘‘ଧ୍ୟାନ’’ ସୂତ୍ର ଧରାଇଦେଲେ । ଗୁରୁଙ୍କ ସମସ୍ତ କଳ୍ପନା ଅତିକ୍ରମ କରି ପ୍ରଜ୍ଞାନନ୍ଦ

ମାତ୍ର ସାତମାସ ସମୟ ମଧ୍ୟରେ "ଧ୍ୟାନ" ସିଦ୍ଧିରେ ଉପନୀତ ହୋଇଗଲେ । ଏହି ସିଦ୍ଧି ପ୍ରଭାବରେ ତାଙ୍କର ଇନ୍ଦ୍ରିୟ ସଂଯମ ଶକ୍ତି ଓ ନୈଷ୍ଠିକ ଲୟ ଶକ୍ତି ପିଣ୍ଡରେ ଠୁଳ ହୋଇଗଲା । ପ୍ରକୃତିଙ୍କ ସୂକ୍ଷ୍ମ ନିଷ୍କାକର୍ମର ଗତି ନିରୂପଣ କରିବା ପାଇଁ ସକ୍ଷମ ହୋଇଗଲେ । ତେଣୁ ଗୁରୁ ତାଙ୍କୁ "ଧାରଣା" ପଥ ନିର୍ଦ୍ଦେଶ କରି ଆଶୀର୍ବାଦ ପ୍ରଦାନ କଲେ ।ଖୁବ୍ ଶୀଘ୍ର ସେ "ଧାରଣା" ସ୍ତର ପାର ହୋଇ "ଇସ୍ରୋପୃଶ୍ୟ ଧାରଣା", "ବିଷ୍ଣୁଯାନ ମଣ୍ଡଳ", "ଶ୍ରୁତଃ ରୟି - ମୟି" ଜ୍ଞାନ ଆହରଣ କରି "ଧାରଣା" ସିଦ୍ଧ ହୋଇଗଲେ ।

ଧାରଣା ପରେ 'ପ୍ରତ୍ୟାହାର' । ତା' ପରେ 'ପ୍ରାଣାୟାମ' ଧାର ॥
କ୍ରମରେ 'ଧୀ ପ୍ରାଣାୟାମ' । ଗମିଲେ ସୂକ୍ଷ୍ମେ ପ୍ରାଣ ଧାମ ॥
ସୂକ୍ଷ୍ମ କ୍ରିୟାରେ ବିହରିଲେ । ଦୁଷ୍ପ୍ରାପ୍ୟ ସଂପତ୍ତି ଲଭିଲେ ॥
'ମୟିକାରକ' ଜ୍ଞାନ ତତ୍ତ୍ୱ । 'ସ୍ତୁତି ମଣ୍ଡଳ' 'ଅଭିସୃତ' ॥
'କର୍ମସ୍ୱର' ଯେ 'ନିଦ୍ଧୋୟକ' । 'ପ୍ରଣାଳୀ' 'କାରଣ' 'ଦୌଧିକ' ॥
ଯୋଗ ସ୍ତରକୁ ପାରିହୋଇ । 'ପ୍ରାଣାୟାମ' ରେ ଗଲେ ରହି ॥
ସଧୀରେ 'ଶୁଭୋଦହ, ରୟି' । 'ଇକ୍ଷ୍ୱମଣ୍ଡଳ' ଭେଦି ଯାଇ ॥
'ଗାୟତ୍ରୀ ଚ଼କ୍ର' ପ୍ରବେଶିଲେ । 'ପ୍ରାଣ ସଂଯମ' ପ୍ରାପ୍ତ ହେଲେ ॥
'ପ୍ରତ୍ୟାହାରୀକ' ଯୋଗପୁର । 'ନିର୍ଭୋକ ପ୍ରାଣ' ସୂକ୍ଷ୍ମ ସ୍ତର ॥
'ଉଦ୍ଧାକ ଦେବଯାନ କ୍ରିୟା' । 'ନିଶୌଧୂକ୍ ପ୍ରଣାଳୀ' କାୟା ॥
ସୌରୋକ, ପ୍ରାଣ, ଆଜ୍ଞାଚକ୍ର । 'ଧୀ ମଣ୍ଡଳ'ର ସୂକ୍ଷ୍ମ ଚିତ୍ର ॥
'ଉଦ୍ଧାକ ଦେବଯାନ କ୍ରିୟା' । 'ନିଶୌଧୂକ୍ ପ୍ରଣାଳୀ' କାହା ॥
ସୌରୋକ, ପ୍ରାଣ, ଆଜ୍ଞାଚ଼କ୍ର । 'ଧୀ ମଣ୍ଡଳ' ର ସୂକ୍ଷ୍ମ ଚିତ୍ର ॥
'ଉଦ୍ଧାକ ଯାନ', 'ପିତୃଯାନ' । 'ସୌର କାରଣ' 'ମହାଜ୍ଞାନ' ॥

ପ୍ରାଣାୟାମରୁ ସୂକ୍ଷ୍ମସ୍ତର । ତାପରେ ପ୍ରାଣ ସୂକ୍ଷ୍ମପୁର ॥
ବାର ବରଷ ଲାଗିଗଲା । ଶରୀର ଅବଶ ହୋଇଲା ॥

"ଧାରଣା" ସ୍ତର ଅତିକ୍ରମ କରି ବା ପରେ, ଗୁରୁ କ୍ରମାନ୍ୱୟରେ "ପ୍ରତ୍ୟାହାର", "ପ୍ରାଣାୟାମ", "ଧୀ ପ୍ରାଣାୟାମ", "ସୂକ୍ଷ୍ମ" ଓ "ପ୍ରାଣଜ ସୂକ୍ଷ୍ମ" ସୋପାନ ଭେଦର ସୂତ୍ର ବତାଇ ଦେଲେ । ପ୍ରଜ୍ଞାନନ୍ଦ କଠୋର, ନିଷ୍ଠୁର ତପ ଆଚରଣ କରି ଏହି ସମସ୍ତ ସ୍ତର ପାର ହୋଇଗଲେ । ଫଳରେ ମୟିକାରକ, ସ୍ତୁତିମଣ୍ଡଳ, ଅଭିସୃତଃ କର୍ମସ୍ୱରଃ, ନିଦ୍ଧୋୟକଃ, ପ୍ରଣାଳୀ, କାରଣ, ଦୌଧିକଃ ଯୋଗଃ, ଶୁଭୋଃଦହ, ରୟି, ଇକ୍ଷ୍ୱମଣ୍ଡଳ, ଗାୟତ୍ରୀ ଚକ୍ର, ନିର୍ଦ୍ଧୋକ ପ୍ରାଣ, ସୂକ୍ଷ୍ମସ୍ତରଃ, ଉଦାକ ଦେବଯାନ କ୍ରିୟା, ନିଶୌଧୂକ୍ ପ୍ରଣାଳୀ, ସୌରୋଃକଃ, ପ୍ରାଣଃ, ଆଜ୍ଞାଚକ୍ର, ଧୀ ମଣ୍ଡଳ, ଉଦ୍ଧାକ ଯାନଃ, ପିତୃଯାନ, ସୌର କାରଣ ଆଦି ବିଷମ ଓ ଦୁଷ୍ପ୍ରାପ୍ୟ ବ୍ରହ୍ମଜ୍ଞାନର ଅଧିକାରୀ ହେଲେ । ଉକ୍ତ ସୋପାନ ଗୁଡ଼ିକୁ ଅତିକ୍ରମ କରିବା ପାଇଁ ତାଙ୍କୁ ବାରବର୍ଷ ସମୟ ଲାଗିଗଲା । ମାତ୍ର ସାତବର୍ଷ ବୟସରୁ ସାଧନ ଆରମ୍ଭ କରିଥିବା ଏହି ଯୋଗୀ ପ୍ରବର "ପ୍ରାଣଜଃ ସୂକ୍ଷ୍ମ" ଅତିକ୍ରମ କରିବା ପାଇଁ ମୋଟ ୩୫ (ପଞ୍ଚତ୍ରିଂଶ) ବର୍ଷ ସମୟ ଲାଗିଗଲା । ତେଣୁ ଶରୀର ମଧ କ୍ଳାନ୍ତ, ଅବଶ ହୋଇଗଲା ।

ଲକ୍ଷ୍ୟ କରିଣ ଶିଷ୍ୟ ଗତି । ଶ୍ରୀଗୁରୁ ଚିନ୍ତିଲେ ଶ୍ରୀପତି ॥
ଶ୍ରଦ୍ଧାରେ ପ୍ରଜ୍ଞାଙ୍କୁ ଡାକିଲେ । ବ୍ରହ୍ମଜ୍ଞାନକୁ ବୁଝାଇଲେ ॥
ଗୁରୁବଚନ ଶୁଣି ପ୍ରଜ୍ଞା । ଫେରି ପାଇଲେ ନିଜ ସଞ୍ଜ୍ଞା ॥
ସମାଧି ବିଧି ଗୁରୁଦେଲେ । ଇଷ୍ଟ ଦର୍ଶନେ କୃପା କଲେ ॥
ଗୁରୁ ସେବି ସେ ପ୍ରଜ୍ଞାନନ୍ଦ । ସମାଧି ଯୋଗେ ପୂର୍ଣ୍ଣାନନ୍ଦ ॥
'ଜର୍ଣ୍ଣେବ ଜଗତ ମଣ୍ଡଳ' । 'ରୈୟିକ' 'ଶୁଚି'ର ମଣ୍ଡଳ ॥
'ରା' ଓ 'ସ୍ୱା' ଶବ୍ଦନାଦ । ବିନ୍ଦୁ କର୍ମର ସୂକ୍ଷ୍ମ ଭେଦ ॥
'ଶୂନ୍ୟଯାନ'ର ତପଃ ନିଃ । ଅଚିରେ କୃପାକଲେ ବିହି ॥

'ଚକ୍ରୋହକ୍ରିୟା', 'ଅହୌତ୍ରିକ'। 'ପ୍ରକ୍ରିୟା ବିନ୍ଦୁ'ର ପ୍ରତୀକ ॥
'ଶୁଦ୍ଧୈବ ମଣ୍ଡଳ' କାରଣେ । 'ବିଷ୍ଣୁଯାନ'ର ଆରୋହଣେ ॥
'ପୂର୍ଣ୍ଣନିଶବ୍ଦଃ,' 'ରୟି ମୟି' । 'ଇହୋ ଶବଦ' ମଧ୍ୟେ ରହି ॥
ଭାବଚକ୍ରର ପିଣ୍ଡ ଜ୍ୟୋତି । ଅଦ୍ୱୈତ ଭାବର ଯେ ସ୍ଥିତି ॥
କାରଣ ଜଗତ ବିଜ୍ଞାନ । ମହାଶୂନ୍ୟ ସ୍ତରର ଜ୍ଞାନ ॥
ପିଣ୍ଡତତ୍ତ୍ୱ ଓ ଅଣାକାର । ଅଛନ୍ତି ହୋଇ ଏକାକାର ॥
ମଣ୍ଡଳେ ଜ୍ୟୋତିର ଆଲୋକ । ପୂର୍ଣ୍ଣ କରିଛି ସର୍ବଲୋକ ॥
ତା ମଧ୍ୟେ ଲକ୍ଷ୍ମୀ, ନାରାୟଣ । ଗରୁଡ଼ ପୃଷ୍ଠେ ବିଚରଣ ॥
ସତ୍ୟ ଆନନ୍ଦେ ବିହ୍ୱଳିତ । ଦର୍ଶନେ ହୋଇଲେ ସ୍ତମ୍ଭିତ ॥
ଭକ୍ତିରେ ପ୍ରଣାମ କରିଲେ । ଜନ୍ମ ଜୀବନ ଧନ୍ୟ କଲେ ॥
ଭକ୍ତ ସାଧନେ ହୋଇ ପ୍ରୀତ । ବର ଯାଚିଲେ ଲକ୍ଷ୍ମୀକାନ୍ତ ॥
ଚରଣେ କର ଯୋଡ଼ି ସୁତ । ମଥାକୁ କରି ଅବନତ ॥
କହିଲେ "ସ୍ୱାମୀ" କି ମାଗିବି । ଜନ୍ମ ଜନ୍ମରେ ଆସୁଥିବି ॥
ପ୍ରତିଯୁଗର ଯୁଗଲୀଳା । ତୁମର ଗୁପ୍ତ ଭକ୍ତ ଖେଳା ॥
ଦେଖିବି ସୂକ୍ଷ୍ମ ଓ ସ୍ଥୂଳରେ । ଧନ୍ୟ ହୋଇବି ଧରାପରେ ॥
ବ୍ରହ୍ମଜ୍ଞାନର ପୂର୍ଣ୍ଣ ଅଂଶ । ଜାଣିବା ପାଇଁ ମନେ ଆଶ ॥
ଏଥୁ ଅଧିକ ଲୋଡ଼ା ନାହିଁ । ଶରଣ ମାଗେ ପ୍ରାଣସାଇଁ ॥
ତଥାସ୍ତୁ ବୋଇଲେ ଶ୍ରୀହରି । ପ୍ରଦାନ କଲେ ପୂର୍ଣ୍ଣ ଶିରୀ ॥
ସତ୍ୟର ଏହି ପ୍ରାପ୍ତିନେଇ । ଦେହ ଛାଡ଼ିଲେ ତପୋସାଇଁ ॥

ପ୍ରଜ୍ଞାନନ୍ଦଙ୍କ ମନ ଓ ଶରୀରର କ୍ଳାନ୍ତି ଦେଖି ଗୁରୁ ତାରୁଣ୍ୟାବ୍ରତ ଶ୍ରୀହରିଙ୍କୁ ଚିନ୍ତାକରି ପୁନଶ୍ଚ ଦିବ୍ୟ ସ୍ପର୍ଶ ପ୍ରଦାନ କଲେ । ଏହି ସ୍ପର୍ଶରେ ପ୍ରଜ୍ଞାନନ୍ଦ ପୁନଃ

ଜାଗ୍ରତ ହୋଇଗଲେ । ତା'ପରେ ବ୍ରହ୍ମଜ୍ଞାନର ତତ୍ତ୍ୱଭିତ୍ତିକ ଆଧାର ଯୋଗାଇ ଦେଇ 'ସମାଧି' ଆଶୀର୍ବାଦ ଦେଇଦେଲେ । ତଦନୁସାରେ ପ୍ରଜ୍ଞାନନ୍ଦ ସମାଧିସ୍ଥ ହୋଇ କ୍ରମଶଃ 'ସମାଧି', 'ନିର୍ବିକଳ୍ପ ସମାଧି', 'କାରଣ ଜଗତ', 'ସଂ ସମାଧି' ଅତିକ୍ରମ କରି 'ଜ୍ୟୋତିଃ' ସ୍ତରରେ ପହଞ୍ଚିଗଲେ । ଏହି ଗତି ସମୟରେ ସେ କ୍ରମାନ୍ୱୟରେ ସୂକ୍ଷ୍ମ, ଶୂନ୍ୟ ଓ କାରଣ ଜଗତସ୍ଥ 'ଜର୍ଣ୍ଣେବ ଜଗତ ମଣ୍ଡଳ', 'ରୈୟିକଃ ଶୁଚିଃ', 'ରାଃସ୍ୱାଃ' ଶବ୍ଦ, ନାଦ, 'ବିନ୍ଦୁକର୍ମ', 'ଶୂନ୍ୟଯାନଃ', 'ତପଃ' ମଣ୍ଡଳ, 'ନିଃ'ସ୍ତର, 'ଚକ୍ରୋଃକ୍ରିୟା', 'ଅହୌଃତ୍ରିକ', ପ୍ରକ୍ରିୟାଃ 'ବିନ୍ଦୁ', 'ଶୁଦ୍ଧେବ ମଣ୍ଡଳ', 'ବିଷ୍ଣୁଯାନ', 'ପୂର୍ଣ୍ଣନିଃଶବ୍ଦଃସ୍ତର', 'ରୟି', 'ମୟି', 'ଇହୋଃ ଶବ୍ଦ', 'ଭାବ', 'ଚକ୍ରପିଣ୍ଡ', 'ଜ୍ୟୋତିଃ', 'କାରଣ', 'ଅଦ୍ୱୈତଭାବ', 'କାରଣ ଜଗତ', 'ବିଜ୍ଞାନ ମଣ୍ଡଳ', 'ମହାଶୂନ୍ୟସ୍ତର', 'ପିଣ୍ଡତତ୍ତ୍ୱ ଅଣାକ୍ଷରଃ' ଆଦି ବ୍ରହ୍ମଜ୍ଞାନର ଅଧିକାରୀ ହୋଇ ଜ୍ୟୋତିଃରେ ଉପନୀତ ହେଲେ । ଜ୍ୟୋତିଃ ମଧ୍ୟରେ 'ଲକ୍ଷ୍ମୀ ନାରାୟଣ' ରୂପ ଦର୍ଶନ କରି ଜନ୍ମ ଜୀବନ ସାର୍ଥକ କଲେ ଓ ପ୍ରତିଯୁଗରେ ଯୁଗଲୀଳା ଦର୍ଶନର ବରପ୍ରାପ୍ତ ହେଲେ । ଏହି ଭାବରେ ତାଙ୍କର ସତ୍ୟଯୁଗର ସାଧନ ଏବଂ ପ୍ରାପ୍ତି ଶେଷ ହେଲା ।

ତ୍ରେତୟା ଯୁଗ ମଧ୍ୟ ଭାଗ । ମର୍ତ୍ତ୍ୟେ ଆସିଲେ ମହାଭାଗ ॥
ପୂର୍ବ ଜନ୍ମର ପ୍ରାପ୍ତି ବଳେ । ଜାତସ୍ମର ସେ ହୋଇଥିଲେ ॥
ଅଯୋଧ୍ୟା ପ୍ରାନ୍ତେ ତପୋବନ । ''ବିରଭଦ୍ରା'' ଯେ ତପୋଧନ ॥
''ତପତୀ'' ସତୀ ପତ୍ନୀ ସଙ୍ଗେ । ବ୍ରହ୍ମ ସାଧନ ଉପଯୋଗେ ॥
ଆନନ୍ଦ ଉପଲବ୍ଧ କରି । ମନନ କରନ୍ତି ଶ୍ରୀହରି ॥
ସତ୍ୟର ପ୍ରଜ୍ଞାନନ୍ଦ ଋଷି । ଏହି ଦମ୍ପତି କୋଳେ ଆସି ॥
ଜନ୍ମରୁ ଲୀଳା ପ୍ରକାଶିଲେ । 'ଭୁଜଙ୍ଗ' ନାମେ ବିହରିଲେ ॥
ଦ୍ୱାଦଶ ବର୍ଷ ଅତିକ୍ରାନ୍ତ । ହେବାରୁ ମନ ହେଲା କ୍ଳାନ୍ତ ॥
ପିତାମାତାଙ୍କ ଆଜ୍ଞାନେଇ । ଚଳିଲେ ବ୍ରହ୍ମଚାରୀ ହୋଇ ॥

''ବ୍ରହ୍ମର୍ଷି ବିଶ୍ୱାମିତ୍ର'' ପାଶେ । ମିଳିଲେ ''ଭୁଜଙ୍ଗ'' ସବେଶେ ।।
ଗୁରୁରୂପରେ ବରି ତାଙ୍କୁ । ମାଗିଲେ ଆଜ୍ଞା ରହିବାକୁ ।।
ବିଶ୍ୱାମିତ୍ର ଯେ ଧ୍ୟାନମାର୍ଗେ । ଦେଖିଲେ ଭୁଜଙ୍ଗ ସର୍ବାଙ୍ଗେ ।।
ବ୍ରହ୍ମାଣୁ ଜ୍ୟୋତି ବିରାଜୁଛି । ଆନନ୍ଦ ଲହର ଖେଳୁଛି ।।
ଦେଖି ଶରୀରେ ଦିବ୍ୟଗୁଣ । ଶ୍ରଦ୍ଧାରେ କରିଲେ ଗ୍ରହଣ ।।
ପିଣ୍ଡ ବ୍ରହ୍ମାଣ୍ଡ ସୃଷ୍ଟି ତତ୍ତ୍ୱ । ଆବର ଯେତେ ଗୂଢ଼ ତତ୍ତ୍ୱ ।।
ପ୍ରଦାନ କଲେ ଋଷିବର । ମୁଖ୍ୟ କରିଲେ ''ଅଣାକ୍ଷର'' ।।
ଗୁରୁ ଆଶିଷ ଶିରେ ନେଇ । ଯୋଗାସନରେ ଗଲେ ରହି ।।
ଶେଷରେ ''ବିରାଟ ପୁରୁଷ'' । ଜ୍ୟୋତି ମଧ୍ୟରେ ସର୍ବଈଶ ।।
କରିଲେ ଦର୍ଶନ ''ଭୁଜଙ୍ଗ'' । ହୋଇଲେ ପିଣ୍ଡରେ ପୂର୍ଣ୍ଣାଙ୍ଗ ।।
ପ୍ରେମାବତାର ରୂପ ଚିନ୍ତି । ନିତ୍ୟରାହାସ କୁଞ୍ଜେ ସ୍ଥିତି ।।
ହ୍ଲାଦିନୀ ଶକ୍ତି ଭିକ୍ଷାକଲେ । ଦ୍ୱାପର ପାଇଁ ବରନେଲେ ।।

ତ୍ରେତୟା ଯୁଗର ମଧ୍ୟ ଭାଗରେ ଅଯୋଧ୍ୟା ନିକଟବର୍ତ୍ତୀ ତପୋବନରେ ବୀରଭଦ୍ରା ଋଷି ପତ୍ନୀ ତପତୀଙ୍କ ସହ ଏକତ୍ର ହୋଇ ଆଶ୍ରମ କରିଥିଲେ । ପତି, ପତ୍ନୀ, ଉଭୟ ଅତ୍ୟନ୍ତ ନିଷ୍ଠାର ସହ ବ୍ରହ୍ମ ଅନୁକମ୍ପା ଲାଭ ପାଇଁ ବ୍ରତୀ ହୋଇଥିଲେ । ସତ୍ୟଯୁଗର ପ୍ରଜ୍ଞାନନ୍ଦ ଋଷି ଏହି ଋଷିଦମ୍ପତିଙ୍କ କୋଳରେ ଜାତସ୍ମର ହୋଇ ଜନ୍ମଗ୍ରହଣ କଲେ । ନାମକରଣ ହେଲା ''ଭୁଜଙ୍ଗ'' । ତାଙ୍କୁ ବାରବରଷ ବୟସ ହେବାକ୍ଷଣି ଜାଗ୍ରତ ଚୈତନ୍ୟ ଆକର୍ଷଣରେ ପିତାମାତାଙ୍କ ଅନୁମତିକ୍ରମେ ଆଶ୍ରମ ତ୍ୟାଗକରି ବ୍ରହ୍ମର୍ଷି ବିଶ୍ୱାମିତ୍ରଙ୍କ ନିକଟକୁ ଚାଲିଗଲେ ଏବଂ ଶିଷ୍ୟତ୍ୱ ପାଇଁ ପ୍ରାର୍ଥନା କଲେ । ବିଶ୍ୱାମିତ୍ର ତାଙ୍କ ଦିବ୍ୟଦୃଷ୍ଟିରେ ଦେଖିଲେ, ଭୁଜଙ୍ଗଙ୍କ ସର୍ବାଙ୍ଗରେ ବ୍ରହ୍ମଜ୍ୟୋତିରେଣୁ ବିରାଜମାନ କରିଛି । ତେଣୁ ଅତି ଆନନ୍ଦରେ ତାଙ୍କୁ ଶିଷ୍ୟରୂପରେ ଗ୍ରହଣ କରି ପିଣ୍ଡବ୍ରହ୍ମାଣ୍ଡ ସୃଷ୍ଟି ତତ୍ତ୍ୱ ସହ ଅନେକ ଗୂଢ଼ ତତ୍ତ୍ୱ ଭିତ୍ତିକ ଜ୍ଞାନ ପ୍ରଦାନ କରି ସାଧନ ସୂତ୍ର ଶିଖାଇ ଦେଲେ । ଯୋଗସିଦ୍ଧ

ଭୁଜଙ୍ଗ କାଳବିଳମ୍ବ ନ କରି ତପସ୍ୟାରେ ମଗ୍ନ ହୋଇଗଲେ ଓ ଗୁରୁପ୍ରଦତ୍ତ ବିଦ୍ୟାରେ ସିଦ୍ଧି ଲାଭକରି ସମାଧି ଅବସ୍ଥାରେ ''ବିରାଟ ପୁରୁଷ''ଙ୍କୁ ଜ୍ୟୋତି ମଧ୍ୟରେ ଦର୍ଶନ କଲେ । ପ୍ରେମାବତାର ରାସରୂପ ଦର୍ଶନ ଓ ହ୍ଲାଦିନୀ ଶକ୍ତି ପାଇଁ ବରଭିକ୍ଷା କରନ୍ତେ, ଦ୍ୱାପର ଯୁଗରେ ଇଚ୍ଛାପୂର୍ଣ୍ଣ ହେବାର ବଚନ ପ୍ରାପ୍ତ ହେଲେ ।

ଦ୍ୱାପର ଯୁଗ ପ୍ରବେଶିଲା । ଯୁଗାବତାର ବେଳ ହେଲା ॥
ଗୋପପୁରର ସନ୍ନିକଟ । 'ବୈତ୍ତଲ୍ୟ ଋଷି' ବ୍ରହ୍ମମଠ ॥
ପତ୍ନୀଙ୍କ ନାମ 'ଦେବାସିନୀ' । ବାତ୍ସଲ୍ୟ ପ୍ରେମ ଉନ୍ମାଦିନୀ ॥
ତାଙ୍କରି କୋଳେ ଜନ୍ମନେଲେ । 'ବର୍ଣ୍ଣଚୁଡ଼' ନାମ ପାଇଲେ ॥
ହ୍ଲାଦିନୀ ସିଦ୍ଧ ମହାଯୋଗୀ । 'କଣ୍ୱଦ' ଋଷି ପ୍ରେମଭୋଗୀ ॥
ତାଙ୍କୁ ହିଁ ଗୁରୁରୂପେ ବରି । ପ୍ରେମ ସାଧନ ଅନୁସରି ॥
ପାଇଲେ ନିତ୍ୟରାସ ରୂପ । ଜ୍ୟୋତି ମଧ୍ୟରେ ପ୍ରେମରୂପ ॥
ହ୍ଲାଦିନୀ ଶକ୍ତି ପ୍ରାପ୍ତ ହେଲେ । କଳି ଭୋଗକୁ ଇଚ୍ଛାକଲେ ॥

ଦ୍ୱାପର ଯୁଗରେ ଗୋପପୁର ସନ୍ନିକଟ ଏକ ଅରଣ୍ୟ ମଧ୍ୟରେ 'ବୈତ୍ତଲ୍ୟ ଋଷି' ତାଙ୍କର ବ୍ରହ୍ମମଠ ସ୍ଥାପନ କରି ପତ୍ନୀ 'ଦେବାସିନୀ'ଙ୍କ ସହ ରହୁଥିଲେ । ସତ୍ୟର ପ୍ରଜ୍ଞାଦତ୍ତ ପରେ 'ପ୍ରଜ୍ଞାନନ୍ଦ', ତ୍ରେତୟାର 'ଭୁଜଙ୍ଗ', 'ବୈତ୍ତଲ୍ୟ'ଙ୍କ ଔରସରେ ମହାସାଧ୍ୱୀ 'ଦେବାସିନୀ'ଙ୍କ ପବିତ୍ର ଗର୍ଭରୁ ଜନ୍ମନେଲେ । ପିତାମାତା ଶ୍ରଦ୍ଧାରେ ନାମ ରଖିଲେ 'ବର୍ଣ୍ଣଚୂଡ଼' । ଉପଯୁକ୍ତ ସମୟରେ ତ୍ରେତୟାର କାମନା ପୂର୍ଣ୍ଣ ପାଇଁ ହ୍ଲାଦିନୀ ଶକ୍ତିରେ ସିଦ୍ଧିପ୍ରାପ୍ତ କଣ୍ୱଦ ଋଷିଙ୍କୁ ଗୁରୁରୂପେ ବରଣ କଲେ । ତାଙ୍କଠାରୁ ପ୍ରେମମନ୍ତ୍ର ଦୀକ୍ଷା ଗ୍ରହଣ କରି ତପସ୍ୟା କଲେ । ଶେଷରେ ଜ୍ୟୋତି ମଧ୍ୟେ ନିତ୍ୟରାସ ରୂପ ଦର୍ଶନ କରି ପ୍ରେମଯୋଗୀ ହୋଇଗଲେ ଏବଂ କଳିଲୀଳା ଅନୁଭବର ଆଶୀର୍ବାଦ ପ୍ରାପ୍ତ ହେଲେ ।

କଳିର ଦ୍ୱିତୀୟ ଚରଣ । 'କୁଣ୍ଡିନଗ୍ର' ଯେ ନାମ ଜାଣ ॥
ସେଠାରେ 'ବୀରାଚାର୍ଯ୍ୟ' ଋଷି । ପତ୍ନୀ 'ପଦ୍ମାବତୀ' ମହିଷୀ ॥

ଗୃହସ୍ଥ ଧର୍ମ ମଧ୍ୟେ ରହି । କୃଷ୍ଣ ପ୍ରେମରେ ସଦା ବାଇ ॥
ତାଙ୍କରି କୋଳରେ ଜନମି । ହୋଇଲେ 'ମେଧାନନ୍ଦ' ନାମି ॥
ବୟସ ମାତ୍ର ଦଶବର୍ଷ । ଜାତସ୍ମର ସେହି ଯୋଗେଶ ॥
ଖୋଜିଲେ ସିଦ୍ଧ ଗୁରୁପାଦ । ପ୍ରଭୁଥିଲେ ବା କି ପ୍ରମାଦ ॥
'ଅଭେଦାନନ୍ଦ' ଅବଧୂତ । ମିଳିଲେ ପଦ୍ମାବତୀ ସୁତ ॥
ଶିଷ୍ୟ ରୂପରେ ତୋଳିନେଲେ । ପୂର୍ଣ୍ଣାଙ୍ଗ ବୀଜ ଦାନକଲେ ॥
ବୁଡ଼ିଲେ ତପେ ଯୋଗୀବର । ପାଇଲେ 'ଜ୍ୟୋତି ରାସେଶ୍ୱର'॥
ସତ୍ୟରେ ଲକ୍ଷ୍ମୀ ନାରାୟଣ । ପ୍ରାପ୍ତ ହୋଇଲେ ବ୍ରହ୍ମଜ୍ଞାନ ॥
ତ୍ରେତାରେ 'ବିରାଟ ପୁରୁଷ' । ପିଣ୍ଡ ତତ୍ତ୍ୱରେ କଲେ ଶେଷ ॥
ଦ୍ୱାପରେ 'ନିତ୍ୟରାସ ରୂପ' । ଅବ୍ୟକ୍ତ ମଧ୍ୟେ ବ୍ୟକ୍ତ ରୂପ ॥
କଳିରେ 'ଜ୍ୟୋତି ରାସେଶ୍ୱର' । ପାଇଲେ ପୂର୍ଣ୍ଣ ଜ୍ଞାନେଶ୍ୱର ॥
ଚାରିଯୁଗର ଅନୁଭବ । ଏକତ୍ରେ ହେଲା ମହାଭାବ ॥
ଦେଖିଲେ ସେହି ଏକବ୍ରହ୍ମ । ଭୂମା ରୂପରେ ବହୁ ବ୍ରହ୍ମ ॥
ଅଶେଷ ଅସୀମ ବିଭୂତି । ଝରୁଛି ସଦା ଜୀବଗତି ॥
ତା ବିନା ସୃଷ୍ଟି ସ୍ଥିତି ନାହିଁ । ଜୀବର ଅସ୍ତିତ୍ୱ ବା କାହିଁ ॥
ତପ ପ୍ରଭାବେ କଳି ଲୀଳା । ଗୁପ୍ତରେ ଭୂମାଙ୍କର ଖେଳା ॥
ବିବେକ, ଚେତନା, ହଜିବ । ବିଷୟା ବିଷରେ ମଜ୍ଜିବ ॥
ପିଣ୍ଡଚକ୍ରର ପଦ୍ମରେଣୁ । ବିକଶିତ ହେବନି ତେଣୁ ॥
ଏକଥା ଜାଣି ମେଧାନନ୍ଦ । ସ୍ତୁତି କରିଲେ ପୂର୍ଣ୍ଣାନନ୍ଦ ॥
ସମାଧି ଅବସ୍ଥାରେ ରହି । 'ଭୂମା' ରୂପକୁ ଅବଗାହୀ ॥

ମାଗିଲେ ଭିକ୍ଷା ଶ୍ରୀଚରଣେ । ଜୀବର ଉଦ୍ଧାର କାରଣେ ॥
ଯେ ବେଳେ ତୁମେ ନରଅଂଗେ । ଖେଳିବ ମର୍ତ୍ତ୍ୟେ ମାୟାରଙ୍ଗେ॥
ମୋର ମିନତି ରକ୍ଷା କରି । 'ଭୂମା ବିଭୂତି' ଯାଗ କରି ॥
ସୂକ୍ଷ୍ମରେ ବିଭୂତି ବାଣ୍ଟିବ । ଜୀବେ ଚୈତନ୍ୟ ଜଗାଇବ ॥
ଏହି କାମନା କରି ଶେଷେ । ଆତ୍ମ ଉତ୍ସର୍ଗ କଲେ ରାସେ ॥
ତେଣୁ ଏ ଯଜ୍ଞ ଆଜି ହୁଏ । ବ୍ରହ୍ମ ବଚନ ଆନ ନୁହେଁ ॥

କଳିଭୋଗର (ଯୁଗର) ଦ୍ୱିତୀୟ ପର୍ଯ୍ୟାୟରେ ''କୁଣ୍ଡିନଗ୍ର'' ନାମକ ସ୍ଥାନରେ ବୀରାଚାର୍ଯ୍ୟ ଋଷି ପତ୍ନୀ ପଦ୍ମାବତୀଙ୍କ ସହ ଗୃହସ୍ଥାଶ୍ରମ କରି କୃଷ୍ଣ ପ୍ରେମରେ ସମୟ ଅତିବାହିତ କରୁଥିଲେ । ତାଙ୍କରି କୋଳରେ ଜନ୍ମ ଲାଭ କରି ''ମେଧାନନ୍ଦ'' ନାମରେ ପରିଚିତ ହେଲେ । ମାତ୍ର ଦଶବର୍ଷ ବୟସରେ ଅବଧୂତ ଯୋଗୀ ''ଅଭେଦାନନ୍ଦ''ଙ୍କୁ ଗୁରୁରୂପରେ ପ୍ରାପ୍ତ କରି ତପସ୍ୟାରେ ମଗ୍ନ ହେଲେ । ଶେଷରେ ଫାଲ୍‌ଗୁନ କୃଷ୍ଣ ତୃତୀୟା ତିଥିରେ ଜ୍ୟୋତିମଧ୍ୟେ ରାସେଶ୍ୱର ରୂପ ଦର୍ଶନ ଲାଭକଲେ । ବିଗତ ଚାରିଯୁଗର ଅନୁଭୂତି, ବିଭୂତି, ସିଦ୍ଧି ଓ ଜ୍ଞାନର ପ୍ରକାଶରେ ପୂର୍ଣ୍ଣ 'ମେଧାନନ୍ଦ' ଦୃଢ଼ଭାବରେ ଗ୍ରହଣ କଲେ ଯେ **'ଏକବ୍ରହ୍ମ, ବହୁଭାବ, ବହୁରୂପ'** ଧାରଣ କରି ସର୍ବବ୍ୟାପକ ହୋଇଛନ୍ତି । ଭୂମା ରୂପରେ ସେ ଅସୀମ, ଅନେକ ଅଂଶରୁ ମାତ୍ର ଏକ ଅଂଶରେ ବ୍ରହ୍ମାଣ୍ଡକୁ ଧାରଣ କରି ନିଜର ବିଭୂତିର ପ୍ରକାଶରେ ସୃଷ୍ଟି ନିର୍ମାଣ, ପାଳନ ଓ ସଂହାର କରୁଛନ୍ତି । ତାଙ୍କ ବିନା କିଛି ନାହିଁ । ଅନ୍ୟପକ୍ଷରେ ଯୁଗର ପ୍ରଭାବରେ ଓ ସେହି ଅନନ୍ତ, ଅସୀମ 'ଭୂମା'ଙ୍କ ଲୀଳାସୂତ୍ରର ଅଂଶରେ କଳିଯୁଗରେ ଜୀବ ମାୟାରେ ମୋହିତ ହୋଇ ଅଚେତନ ହୋଇଯିବ । ପିଣ୍ଡସ୍ଥ ଚକ୍ରପଦ୍ମ ବିକଶିତ ହେବ ନାହିଁ । ଜୀବକଲ୍ୟାଣ ପାଇଁ ଦୃଢ଼ ରହି ମେଧାନନ୍ଦ ସେତିକିବେଳେ ସମାଧିସ୍ଥ ଅବସ୍ଥାରେ ରାସେଶ୍ୱରଙ୍କ ନିକଟରେ ବରଭିକ୍ଷା କରିଥିଲେ, ''ହେ ପ୍ରଭୁ ! କଳିର ସନ୍ଧି ସମୟରେ ଯେତେବେଳ ଆପଣ ନରତନୁ ଧାରଣ କରି ଗୋପନ ଲୀଳା ସଂରଚନ କରୁଥିବେ, ସେତେବେଳେ **ଭୂମା ବିଭୂତି ମହାଯଜ୍ଞ** ସ୍ୱୟଂ ଉପସ୍ଥିତ ରହି କରାଇବେ ଏବଂ ସୂକ୍ଷ୍ମରେ ବିଭୂତିର ପ୍ରକାଶ କରି ମୋହିତ ଜୀବର ଚେତନା

ଜାଗ୍ରତ କରାଇବେ ।'' ଏହି ଶେଷ କାମନା କରି ଋଷି ଶ୍ରେଷ୍ଠ ନିତ୍ୟରାସରେ ନିଜର ଆତ୍ମାକୁ ଉତ୍ସର୍ଗ କରି ଲୀନ କରାଇ ଦେଇଥିଲେ । ତାଙ୍କରି ଇଚ୍ଛା ପୂର୍ଣ୍ଣ ପାଇଁ ଆଜି ଏ ଯଜ୍ଞର ଆୟୋଜନ କରାଯାଇଅଛି ।

ସ୍ୱାମୀଙ୍କ ଅଧରରୁ ଯଜ୍ଞକାରଣ ଅମୃତବାଣୀ ଶ୍ରବଣ କରି ଅନୁଗତ ଜିଜ୍ଞାସୁ ସେବକ ଆତ୍ମହରା ହୋଇଗଲା ଏବଂ ପୁଣିଥରେ ଅଳିକଲା ।

**ହେ ନାଥ ପରମ ଦୟାଳୁ । ଆଉ ବିନ୍ଦୁଏ କୃପା ମିଳୁ ॥**
**ଏ ଯେଉଁ 'ଭୂମା' ବ୍ରହ୍ମରୂପ । କିପରି ତାହାର ସ୍ୱରୂପ ॥**
**କେବେ ସେ ରୂପ ପ୍ରକାଶିତ । ଅଥବା କେଉଁ ଭାବେ ସ୍ଥିତ ॥**
**କିଏ ସେ ମହାତ୍ମା ପ୍ରବର । ପ୍ରଥମେ ଜାଣିଲେ ଆକାର ॥**
**କେଉଁଠି ଭୂମା ରହିଥାନ୍ତି । କିପରି ଆପେ ପ୍ରକାଶନ୍ତି ॥**
**'ବିଭୂତି' କାହାକୁ କହିବା । କେମନ୍ତେ ଅନୁଭବେ ନେବା ॥**
**ଛଳନା ନ କରି ହେ ସାଇଁ । ଦିଅନ୍ତୁ ଅଧମେ ବୁଝାଇ ॥**

ହେ ପ୍ରଭୁ ଦୟାମୟ ! କୃପାସାଗର ! ଆଉ ବିନ୍ଦୁଏ କୃପାରେଣୁ ପାଇଁ ନିବେଦନ କରୁଛି । ଯେଉଁ 'ଭୂମା'ଙ୍କ କଥା କହୁଛନ୍ତି, ତାଙ୍କର ସ୍ୱରୂପ କିପରି ? କେବେ, କେଉଁଠି, କାହିଁକି ସେ ରୂପ ପ୍ରକଟ ହୋଇଥିଲା ? କିଏ ସେହି ମହାତ୍ମା ? ଯିଏ ସର୍ବପ୍ରଥମେ ବ୍ରହ୍ମଙ୍କର ଏହି ପ୍ରକାଶ ଦର୍ଶନ କରିଥିଲେ ? ''ବିଭୁତି'' କାହାକୁ କହନ୍ତି ? ଏହା କିପରି କେଉଁଠାରେ ବିଚ୍ଛୁରିତ ହୁଏ ଏବଂ କାର୍ଯ୍ୟକାରୀ ହୁଏ ? ସମସ୍ତ ଗୂଢ଼ ରହସ୍ୟ ବୁଝାଇ କୁହନ୍ତୁ । ସେବକର ଜିଜ୍ଞାସାଯୁକ୍ତ ନିବେଦନ ଗ୍ରହଣ କରି ପ୍ରଭୁ କହିଲେ :

**ଅତି ନିଗୂଢ଼ କଥା ସେହି । ତା'ର ଆରମ୍ଭ ଶେଷ ନାହିଁ ॥**
**ବ୍ରହ୍ମଙ୍କ ଇଚ୍ଛା ହିଁ ଆରମ୍ଭ । ତାଙ୍କରି ଇଚ୍ଛାରେ ସୃଷ୍ଟି ସ୍ତମ୍ଭ ॥**
**ଯେତେ କହିଲେ ସରେ ନାହିଁ । ସହଜେ ବୁଝି ହୁଏ ନାହିଁ ॥**
**ଅନୁଭବରେ ଜାଣି ହୁଏ । ସମାଧି ବଳେ ଦେଖି ହୁଏ ॥**

ଆଗ୍ରହେ ଯେଣୁ ତୁ ପଚାରୁ । ଶୁଣିବା ପାଇଁ ଅଳି କରୁ ॥
ସଂକ୍ଷେପେ ଦେଉଛି ବୁଝାଇ । ଶୁଣ ତୁ ଧୀର ସ୍ଥିର ହୋଇ ॥
ଅବ୍ୟକ୍ତୁ ବ୍ୟକ୍ତ ହେବାପରେ । ଇଚ୍ଛାରେ ଶକ୍ତି ଯୁକ୍ତ କରେ ॥
ବିଭିନ୍ନ ରୂପରେ ଜଗତ । ମଣ୍ଡଳ ହୋଇଲା ସମ୍ଭୁତ ॥
ନାନା ଜାତିର ଜୀବସତ୍ତା । ମାନବ ସୃଷ୍ଟି ମାୟା ସତ୍ତା ॥
ସୃଷ୍ଟି ନିର୍ମାଣେ ଇଚ୍ଛାକରି । ଆଜ୍ଞାରେ କୈବଲ୍ୟ ଉତାରୀ ॥
ସାଇତି ରଖିଲେ ଶୂନ୍ୟରେ । ଜୀବ ଜଗତ ମର୍ତ୍ତ୍ୟପରେ ॥
ମାୟାରେ ଜଗତ ମୋହିତ । ଜ୍ଞାନ, ବିବେକ ହେଲା ଲୁପ୍ତ ॥
ମାନବ ବିଷୟା ଭୋଗିଲା । ବିଧିରେ ଅଚେତନ ହେଲା ॥
ଦେଖି ଏ ପ୍ରମାଦ ସୃଷ୍ଟିରେ । କୈବଲ୍ୟ ଖସାଇ ଗୁପ୍ତରେ ॥
ଜ୍ଞାନୀ ପୁତ୍ରଙ୍କୁ ପଠାଇଲେ । ମୁକ୍ତିର ପଥ ଦେଖାଇଲେ ॥
ଜ୍ଞାନୀଙ୍କ ମଧ୍ୟେ ଋଷି ମୁନି । ଏକକୁ ଆନ ଜ୍ଞାନ ଘେନି ॥
ନର ଅଙ୍ଗରେ ଆସିଗଲେ । ତତ୍ତ୍ୱ ଜ୍ଞାନକୁ ବିତରିଲେ ॥
ନିଜ ନିଜର କର୍ମ ସାରି । ଛପିଲେ ବ୍ରହ୍ମ ହୃଦେ ସ୍ମରି ॥
ଏହି ଭାବରେ ଦିନୁଦିନ । ମରତ ଭୂମି ହେଲା ପୂର୍ଣ୍ଣ ॥
ଜୀବରୁ ମାନବ ପର୍ଯ୍ୟନ୍ତ । ଉଦ୍ଭିଦ, ଜଡ଼, ସର୍ବଭୂତ ॥
ସବୁରି ଭିତରେ ରହିଲେ । ଏକରୁ ଅନେକ ହୋଇଲେ ॥
ବ୍ରହ୍ମଙ୍କ ବ୍ୟାପକ ଅବସ୍ଥା । ସୃଷ୍ଟିରୁ ବ୍ରହ୍ମାଣ୍ଡର ସତ୍ତା ॥
ଯାହାକୁ ସୃଷ୍ଟି ବୋଲି କହି । ବ୍ୟାପକ ସ୍ଥିତି ଅଂଶ ସେହି ॥
ବ୍ରହ୍ମଙ୍କର ବ୍ୟାପକ ସ୍ୱରୂପ । ଅସୀମ, ଅବ୍ୟକ୍ତ, ଅମାପ ॥

ଏହି 'ଅସୀମ ସତ୍ତା' ନାମ । ଜ୍ଞାନୀ ବିଚାରେ 'ଭୂମା' ନାମ ॥
'ଭୂମା'ଙ୍କ ଆଦୀ ଅନ୍ତ ନାହିଁ । ସର୍ବସ୍ଥାନରେ ବିରାଜଇ ॥
ଯୁଗକୁ ଯୁଗ ନୂଆ ସୂତ୍ର । ପରିବର୍ତ୍ତନ ସୃଷ୍ଟି ଚକ୍ର ॥
ଅବର୍ଣ୍ଣନୀୟ ଏହି ମାୟା । ନ ହୁଏ ବୁଝି ଧରି କାୟା ॥
କେବଳ ସାଧକ ଅଙ୍ଗରେ । ଧ୍ୟାନର ସମାଧି ସ୍ତରରେ ॥
ସେ ଦେଖି ପାରେ ଏହା । ପ୍ରକାଶ ଅସମ୍ଭବ ତାହା ॥

ଜ୍ଞାନ ଭଣ୍ଡାର ପରମକାରୁଣିକ ଦୟାବତାର ଠାକୁରେ କହିଲେ, ତୁ ଯେଉଁ 'ଭୂମା'ଙ୍କ ସମ୍ପର୍କରେ ଜାଣିବାକୁ ଚାହୁଁଛୁ, ତାହା ଅତ୍ୟନ୍ତ ନିଗୂଢ଼ ତତ୍ତ୍ୱମାଳା । ତାହାକୁ ସହଜେ ବୁଝି ହୁଏ ନାହିଁ । ପ୍ରକାଶ କରି ହୁଏ ନାହିଁ । ଯେତେ କହିଲେ ମଧ୍ୟ ସରେ ନାହିଁ କିମ୍ବା ମିମାଂସା କରି ହୁଏ ନାହିଁ । ତଥାପି ଯେତେବେଳେ ଏତେ ଆଗ୍ରହ କରି ପଚାରୁଛୁ, ସଂକ୍ଷେପରେ ବୁଝାଇ ଦେଉଛି, ସ୍ଥିର ହୋଇ ଶୁଣ । ଅବ୍ୟକ୍ତରୁ ବ୍ୟକ୍ତ ବ୍ରହ୍ମ ହେବା ପରେ ତାଙ୍କରି ଇଚ୍ଛାମତେ ଶକ୍ତି ସଂଯୋଗ ଦ୍ୱାରା ଜୀବଜଗତ ତଥା ମାନବ ଜାତି ପାଇଁ ବ୍ରହ୍ମ ଆଦେଶାନୁଗତେ ମାନବ ସଂସ୍କାର ନିମନ୍ତେ ଭିନ୍ନରୂପ ଜଗତ, ମଣ୍ଡଳ ଆଦି ଉତ୍ପତ୍ତି ହେଲା । ବିଭିନ୍ନ ଜାତିର ଅଂଶ ମଧ୍ୟରୁ ମାନବ ଏକ ବୃହତ ଅଂଶ ଅଟେ । ମାନବ ମାୟା ଜଗତରେ ମୋହିନୀ ମାୟାରେ ବିମୋହିତ ହୋଇ ସୃଷ୍ଟିରେ ଅଚେତନ ହେଲା । ଭୋଗ ବିଳାସରେ ଗତି କରିଲା । ସେଥିରୁ ନିସ୍ତାର ପାଇ ପୁନଶ୍ଚ ଚେତନା ପ୍ରାପ୍ତ ହେବା ପାଇଁ ନିଜେ ନିଜର ଆଜ୍ଞା ଓ ଆଦେଶରେ କୈବଲ୍ୟପ୍ରାପ୍ତ ଅଂଶ ସୃଷ୍ଟିକରି ମର୍ତ୍ତ୍ୟଧାମକୁ ପଠାଇଲେ । ଏହି କୈବଲ୍ୟ ଅଙ୍ଗମାନଙ୍କ ମଧ୍ୟରେ ମୁନି, ଋଷିମାନେ ଅନ୍ତର୍ଭୁକ୍ତ । ଏମାନେ ବ୍ରହ୍ମଙ୍କ ଇଚ୍ଛାରେ ବର୍ଣ୍ଣାଶ୍ରମ ଧାରଣ, ଗୁରୁକୁଳଶିକ୍ଷା, ଜ୍ଞାନପ୍ରାପ୍ତି ମୁକ୍ତିର ପଥ, ମୋକ୍ଷର ଦ୍ୱାର, ନିର୍ବାଣର ଯୋଗସ୍ଥଳ ଆଦି ନାନାବିଧି ଶିକ୍ଷାସହ ଶକ୍ତିଦ୍ୱାରା ମାନବଜାତିକୁ ଦିଗ୍‌ଦର୍ଶନ, ଦୂରଦୃଷ୍ଟି ଦର୍ଶାଇ ଛପିଗଲେ । ବ୍ରହ୍ମଙ୍କ ବ୍ୟାପକ ଅବସ୍ଥାର କିୟଦଂଶ ହେଉଛି ଏ ସୃଷ୍ଟି । ବ୍ରହ୍ମ ଯେତେବେଳେ ବ୍ୟାପକ ଅବସ୍ଥା ଧାରଣ କଲେ, ସେହି ''ବ୍ୟାପକ''ର ନାମକରଣ ସାଧୁମାନେ ''ଭୂମା'' ବୋଲି କଲେ । ଏହି ''ଭୂମା'' ଶବ୍ଦର ବ୍ରହ୍ମ

ଅକଳନ, ଅବର୍ଣ୍ଣନୀୟ, ଅପ୍ରକାଶିତ, ଅଚିନ୍ତ୍ୟ ଅଟେ । ଯୁଗାଦିଯୁଗର ନୂତନତା ସୃଷ୍ଟିର ଅବସ୍ଥାଚକ୍ରକୁ ପରିବର୍ତ୍ତନ କରିଥାଏ । ପ୍ରତ୍ୟେକ ପରିବର୍ତ୍ତିତ ସ୍ଥିତିର ସୃଷ୍ଟି, ସ୍ଥିତି, ବିଲୟରେ ସେହି ଭୂମା ହିଁ ବିଦ୍ୟମାନ । ବ୍ରହ୍ମଙ୍କର କିୟଦଂଶ ମାନବ ଅଂଗରେ ଥାଏ । ତେଣୁ ସେ କର୍ମଯୋଗ ସାଧନ ସୂତ୍ରରେ ସମାଧିସ୍ଥ ହୋଇ ଭୂମା-ବ୍ରହ୍ମଙ୍କର କିଛି ଅଂଶ ମାତ୍ର ଜାଣିପାରେ । କିନ୍ତୁ ବ୍ୟକ୍ତ କରିପାରେ ନାହିଁ । ବର୍ଣ୍ଣନା ମଧ କରିପାରେ ନାହିଁ । ଏହି ସୂତ୍ର ନିତ୍ୟ, ସତ୍ୟ ସନାତନ ଭାବରେ ରହି ଆସିଅଛି ଓ ଚିରଜାଜ୍ୱଲ୍ୟମାନ ହୋଇ ରହିଥିବ ।

ଶ୍ରୀମୁଖପଦ୍ମରୁ ଭୂମାଙ୍କ ସମ୍ପର୍କରେ ଅବଗତ ହୋଇ ସେବକ ମନ ଆହୁରି ଆନ୍ଦୋଳିତ ହେଲା । ତେଣୁ ନିବେଦନ କଲା:

**ହେ ପ୍ରଭୁ ! ଭାରତୀଙ୍କ ନାହା । ତୁମେ ହିଁ ଏକା ମୋର ସାହା ।।**
**ନାହିଁ ସାମର୍ଥ୍ୟ ସାଧିବାକୁ । ସମାଧି ସ୍ତର ଲଭିବାକୁ ।।**
**ତେଣୁ ଶ୍ରୀମୁଖୁ ଶୁଣି ଶୁଣି । ତୁମ ଗୁଣକୁ ଗୁଣି ଗୁଣି ।।**
**ଜୀବନ ମୋର ସରିଯାଉ । ଅଧରାମୃତ ରହିଯାଉ ।।**
**ବ୍ରହ୍ମଙ୍କ ବ୍ୟାପକ ଭାବକୁ । ଶକତି ନାହିଁ ଚିନ୍ତିବାକୁ ।।**
**କାହିଁକି ଭୂମା ନାମ ହେଲା । ଅନ୍ୟ ନାମଟି ନ ଆସିଲା ।।**
**ଜାଣିବା ପାଇଁ ମୋର ମନ । ବ୍ୟାକୁଳେ ହେଉଛି ଉଛନ୍ନ ।।**
**କରୁଣାକର ଭାବଗ୍ରାହୀ । ଏହି ରହସ୍ୟ ଦିଅ କହି ।।**

ହେ ପ୍ରଭୁ ! ଭାରତୀପତି ! ତୁମ ବ୍ୟତୀତ ଏ ସୃଷ୍ଟିରେ ମୋର ଆଉ କେହି ନାହିଁ । ସାଧନ ସୂତ୍ର ଧରି ସମାଧି ସ୍ତରରେ ପହଞ୍ଚିବା ପାଇଁ ଶରୀର, ମନରେ ସାମର୍ଥ୍ୟ ନାହିଁ । ତେଣୁ କେବଳ ଆପଣଙ୍କ ମୁଖଶ୍ରୀରୁ ଅଧରାମୃତ ପାନ କରି ତରିଯିବା ପାଇଁ ମନ ବଳାଇଛି । ବ୍ରହ୍ମଙ୍କ ବ୍ୟାପକ ଅବସ୍ଥାର ନାମ ''ଭୂମା'' କାହିଁକି ହେଲା । ଅନ୍ୟ ଅକ୍ଷର ଯୁକ୍ତରେ ଅନ୍ୟନାମ କାହିଁକି ହେଲା ନାହିଁ । ଏହାର ରହସ୍ୟ ଦୟାକରି ବୁଝାଇ ଦିଅନ୍ତୁ ।

ଭକ୍ତବତ୍ସଳ ଦୀନବନ୍ଧୁ କହିଲେ :

ବିଷମ ସନ୍ଧି ପଚାରୁଛୁ । ମୋତେ ବିବଶ କରୁଅଛୁ ॥
କହୁଛି ତେବେ ଶୁଣ ଧନ । ବିଷୟା ବିଷ୍ଣୁ ଆଣ ମନ ॥
କଳ୍ପଯୁଗର କଥା ସେହି । ଅବ୍ୟକ୍ତ ବ୍ରହ୍ମ ବ୍ୟକ୍ତ ହୋଇ ॥
ଆସିଲେ ଯେବେ ଇଚ୍ଛାମତେ । କହିଲେ ନ ଯିବୁ ପରତେ ॥
ବ୍ରହ୍ମାଣ୍ଡ ମାଳ ମାଳ ହୋଇ । ତା ଲୋମ କୂପେ ଝୁଲୁଥାଇ ॥
ଗୈରିକ ବର୍ଣ୍ଣ ଜ୍ୟୋତିମାଳା । ଆଚ୍ଛନ୍ନ କଲା ବ୍ରହ୍ମମାଳା ॥
ସେଥିରୁ କୈବଲ୍ୟର ଆତ୍ମା । ଇଚ୍ଛାରେ ହୋଇଲେ ସମ୍ଭୂତା ॥
ସେହି ଆତ୍ମାଙ୍କ କାମନାରେ । ମଣ୍ଡଳ ହୋଇଲା ଶୂନ୍ୟରେ ॥
ଶୂନ୍ୟରୁ ଶବଦ ଆସିଲା । 'ଭୌମିକକ୍ଷ' ତା ନାମ ହେଲା ॥
ଏ ବେଳେ କଳ୍ପଶୂନ୍ୟ ମୁନି । 'ଅକ୍ଷତା ପ୍ରଜ୍ଞା' ମହାମାନୀ ॥
ଶବଦେ ଆଚମ୍ଭିତ ହେଲେ । ନାମର ରହସ୍ୟ ଖୋଜିଲେ ॥
'ଭ' ଅକ୍ଷରର ତତ୍ତ୍ୱଜ୍ଞାନ । ଖୋଜିଲେ କରିଣ ଘୂର୍ଣ୍ଣନ ॥
ଭୌମିକକ୍ଷର ମଣ୍ଡଳରେ । ବାଇଶି ମଣ୍ଡଳ ଚକ୍ରରେ ॥
ଘୂର୍ଣ୍ଣନ କଲେ ମହାମୁନି । ଅକ୍ଷର ତତ୍ତ୍ୱ ଗୁଣ ଗୁଣି ॥
ପରମବ୍ରହ୍ମ ଆଜ୍ଞା ହେଲା । ଆତ୍ମାରେ ଅକ୍ଷର ସ୍ମରିଲା ॥
ସ୍ମରଣେ ସେହି 'ଭ' ଅକ୍ଷର । ଆଶିଷେ ଜ୍ୟୋତି ମଧୁ କ୍ଷର ॥
ପ୍ରଜ୍ଞାରେ କାରଣେ ପ୍ରବେଶି । ଅକ୍ଷର ପୂର୍ଣ୍ଣତା ନିର୍ଯ୍ୟାସି ॥
ଦେଖିଲେ ବିଶାଳ ବ୍ରହ୍ମାଣ୍ଡ । ତା' ମଧେ ବ୍ରହ୍ମ ଖଣ୍ଡ ଖଣ୍ଡ ॥
ଆବୋରି ବିରାଟ ପୁରୁଷ । ଗ୍ରହ, ନକ୍ଷତ୍ରରେ ସର୍ବେଶ ॥
ମହାଭୂତରେ ଏକା ସେହି । ସର୍ବଭାବରେ ଛନ୍ତି ରହି ॥
'ଭ' ମଧରେ ସେ ପରଂବ୍ରହ୍ମ । ଜ୍ୟୋତି ରୂପରେ ବ୍ୟକ୍ତ ବ୍ରହ୍ମ ॥

ତଥାପି ସନ୍ଦେହ ନଗଲା । ଅଧିକ ପାଇଁ ଇଚ୍ଛା ହେଲା ॥
ଅନ୍ତର ଜାଣି ଅନ୍ତର୍ଯ୍ୟାମି । ମାନବ ଅଙ୍ଗେ ମର୍ତ୍ତ୍ୟଭୂମି ॥
ପ୍ରେରଣ କଲେ ସେ ମୁନିଙ୍କୁ । ଅଧିକ ତତ୍ତ୍ୱ ଜାଣିବାକୁ ॥
ମର୍ତ୍ତ୍ୟରେ ମୁନି ଅବତରି । ସାଧିଲେ ତପ ଅନୁସରି ॥
ତପଶେଷରେ ଆଜ୍ଞା ହେଲା । ଦିବ୍ୟ ଦର୍ଶନ ପ୍ରାପ୍ତ ହେଲା ॥
ଦେଖିଲେ ସେ 'ଭ' ରେ 'ଉ' ଯୁକ୍ତ । ତାର ପାଶେ 'ମ' ଯେ ସମ୍ଭୁତ ॥
'ମ' ସହିତ 'ଆ' ମହାଶକ୍ତି । ଜ୍ୟୋତିରେ ହୋଇଛି ଉତ୍ପତ୍ତି ॥
'ମ' କାର ଦ୍ୱାରା ଯୋଗମାୟା । ମାୟାରେ ବିସ୍ତାରିଛି କାୟା ॥
'ଭ'ରେ ପୁରୁଷର ସ୍ଥିତି । 'ମ' କାରେ ପ୍ରକୃତି ଅଛନ୍ତି ॥
ଗୈରିକ ଜ୍ୟୋତିରେ 'ଭ' କାର । ହରିଦ୍ରା ଜ୍ୟୋତିରେ 'ମ'କାର॥
'ଆ'କାର ଗୈରିକ ବର୍ଣ୍ଣରେ । ବ୍ୟାପିଛି ବ୍ରହ୍ମାଣ୍ଡ ଯାକରେ ॥
ଚାରି ଅକ୍ଷର ଯୁକ୍ତ କଲେ । ପୁରୁଷ ପ୍ରକୃତି ଏକରେ ॥
ଦେଖିଲେ 'ଭୂମା' ରୂପ ହୋଇ । ସବୁଠି ବ୍ୟାପି ଛନ୍ତି ରହି ॥
ବିରାଟ ପୁରୁଷ ଯେ ସେହି । 'ଭୂମା' ରୂପରେ ବ୍ୟାପ୍ତ ହୋଇ॥
ତାଙ୍କର ଅଂଶରୁ ସମ୍ଭୁତ । ଅସଂଖ୍ୟ ବିଭୂତି କ୍ଷରିତ ॥
'ଭୂମା' ନାମର ଅର୍ଥ ଏହି । ସଂକ୍ଷେପ ତୋତେ ଦେଲି କହି ॥

ପ୍ରଭୁ କହିଲେ, ତୁ ବଡ଼ ବିଷମକଥା ପଚାରି ମୋତେ ବିବଶ କରି ଦେଉଛୁ । ବିଷୟା ବିଷରୁ ମନକୁ ଆୟତ୍ତ କରି ସ୍ଥିର ହୋଇ ଶୁଣ । କଳ୍ପଯୁଗର କଥା । ନିଜ ଇଚ୍ଛାରେ ଅବ୍ୟକ୍ତ ଯେତେବେଳେ ବ୍ୟକ୍ତ ହୋଇଗଲେ ସେତେବେଳେ ତାଙ୍କର ଯେଉଁ ଅବସ୍ଥା ତାହା କହିଲେ ତୁ ବିଶ୍ୱାସ କରି ପାରିବୁ ନାହିଁ । ସେତେବେଳେ ବ୍ରହ୍ମାଣ୍ଡ ମାଳ ମାଳ ହୋଇ ଗୈରିକବର୍ଣ୍ଣ ଜ୍ୟୋତିନେଇ ଉଦ୍‌ଭାସିତ ହେଉଥିଲେ । କୈବଲ୍ୟ ଅଙ୍ଗରେ ଆତ୍ମାମାନେ ଝୁଲି ରହିଥିଲେ ।

ସେହି ଆତ୍ମାମାନଙ୍କ ଇଚ୍ଛାରେ ଏକ ମଣ୍ଡଳ ଆପେ ଆପେ ସୃଷ୍ଟି ହୋଇଗଲା । ଶୂନ୍ୟରୁ ଏକ ଶବ୍ଦ ଉତ୍ପନ୍ନ ହୋଇ ସେହି ମଣ୍ଡଳର ନାମ କରଣ ହେଲା 'ଭୌମିକକ୍ଷ' । ଏହି ସମୟରେ କୈବଲ୍ୟ ଅଙ୍ଗ ଆତ୍ମାମାନଙ୍କ ମଧ୍ୟରୁ 'ଅକ୍ଷତା ପ୍ରଜ୍ଞା' ନାମକ କଳ୍ପମୁନି ମଣ୍ଡଳ ମୂଳାଧାର ଅକ୍ଷର 'ଭ'ର ତତ୍ତ୍ୱ, ଉତ୍ପତ୍ତି ସମ୍ବନ୍ଧରେ ଜାଣିବା ପାଇଁ ତତ୍ପର ହେଲେ । କଳ୍ପରେ ୨୨ (ବାଇଶି) ମଣ୍ଡଳ ଘୂର୍ଣ୍ଣନ କଲାପରେ ପରଂବ୍ରହ୍ମଙ୍କ ଆଦେଶାନୁକ୍ରମେ 'ଭ' ଅକ୍ଷରଟି ତାଙ୍କ ଆତ୍ମାରେ ସ୍ମରଣକୁ ଆସିଲା । ତାହାର ସଂପୂର୍ଣ୍ଣ ରହସ୍ୟ ପୂର୍ଣ୍ଣଭାବରେ ଜ୍ଞାତ ହେବା ପାଇଁ ବ୍ରହ୍ମଙ୍କ ନିକଟରେ ଆଶିଷ ଭିକ୍ଷାକଲେ । ଆଜ୍ଞାପ୍ରାପ୍ତ ପରେ କାରଣ ଜଗତରେ ପ୍ରବେଶ କରି ଦେଖିଲେ, ବିଶାଳ ବ୍ରହ୍ମାଣ୍ଡ ମଧ୍ୟରେ ଏହି ତତ୍ତ୍ୱରେ ବିରାଟ ପୁରୁଷ, ଗ୍ରହ, ନକ୍ଷତ୍ରାଦି ମହାଭୂତ ମଧ୍ୟରେ ସୂକ୍ଷ୍ମରେ ଅଛନ୍ତି । ତଥାପି ପୂର୍ଣ୍ଣତା ଆସିଲା ନାହିଁ । ଅଧିକ ଜାଣିବା ପାଇଁ ମନରେ ଆଗ୍ରହ ଆସିଲା । ତେଣୁ ଅନ୍ତର୍ଯ୍ୟାମୀ ବ୍ରହ୍ମ ମାନବଅଙ୍ଗ ଧରି ମର୍ତ୍ତ୍ୟଭୂମିକୁ ଆସିବାକୁ ଆଦେଶକଲେ । ସେହି ଅନୁସାରେ ମୁନି ନରତନୁ ଧରି ମର୍ତ୍ତ୍ୟକୁ ଆସିଲେ । ମର୍ତ୍ତ୍ୟକୁ ଆସି ତପ, ଆରାଧନା କରିବାକୁ ଲାଗିଲେ । ତପ ଶେଷରେ ଦିବ୍ୟ ଦର୍ଶନ ପ୍ରାପ୍ତ ହେଲା । ଦେଖିଲେ, 'ଭ' କାର ମଣ୍ଡଳ ସର୍ବବ୍ୟାପୀ ହୋଇ ଗୈରିକ ବର୍ଣ୍ଣରେ ପୂର୍ଣ୍ଣ ହୋଇ ରହିଛି । ତାହା ସହିତ 'ଊ'କାର ଯୁକ୍ତ ହୋଇ ସଚରାଚର ବ୍ରହ୍ମାଣ୍ଡକୁ ଆବୋରି ଯାଇଛି । ନିକଟରେ ହରିଦ୍ରା ଜ୍ୟୋତିରେ ଉଦ୍ଭାସିତ ହୋଇ 'ମ' କାର ମଧ୍ୟରେ ପ୍ରକୃତି ଯୋଗମାୟା ରୂପରେ ବିରାଟ କାୟା ବିସ୍ତାର କରି ବ୍ରହ୍ମାଣ୍ଡକୁ ଆବୃତ୍ତ କରି ଦେଇଛି । 'ମ' କାର ସହିତ ଗୈରିକ ବର୍ଣ୍ଣର ଜ୍ୟୋତି ନେଇ 'ଆ'କାର ଯୁକ୍ତ ହୋଇଯାଇଛି । ଅକ୍ଷତାପ୍ରଜ୍ଞା ମୁନି ଏହି ଚାରିଅକ୍ଷର (ଭ,ଊ,ମ,ଆ) ଯୁକ୍ତ କରି ଦେଖିଲେ 'ଭୂମା' ପୁରୁଷ ଓ ପ୍ରକୃତି ମିଳିତ ବିରାଟ ପୁରୁଷ ଭାବରେ ସବୁଠାରେ ବ୍ୟାପକ ହୋଇ ରହିଛନ୍ତି । ତାଙ୍କୁ କଳନା, କଳ୍ପନା, ବର୍ଣ୍ଣନା କରିବା ସମ୍ଭବ ନୁହେଁ । ଏହି ବ୍ୟାପକ ଆକାର ମଧ୍ୟରୁ ଅଗଣିତ, ଅସୀମ ସଂଖ୍ୟାରେ ବିଭୂତି ଜ୍ୟୋତି କଣିକା ହୋଇ କ୍ଷରିତ ହୋଇ ଚାଲିଛନ୍ତି । ତେଣୁ ବିରାଟପୁରୁଷ 'ଭୂମା'ଙ୍କ ଅଂଶୀୟ ରେଣୁକୁ ବିଭୂତି କୁହାଯାଏ । ଏହାହିଁ 'ଭୂମା'ଙ୍କ ସଂଜ୍ଞା ସମ୍ପର୍କରେ ସଂକ୍ଷେପ ସୂଚନା ।

**ବିଭୂତି ବୋଲି ଯାହା କହି । ଜ୍ୟୋତିରେ ନୀଳ ବର୍ଣ୍ଣ ହୋଇ ॥**

କାରଣେ ଜ୍ୟୋତିର୍ବ୍ରହ୍ମ ନାମେ । ବ୍ରହ୍ମ ଆଜ୍ଞାରେ ଧରାଧାମେ ॥
କ୍ଷରିତ ହୋଇଣ ଆସଇ । ଜୀବର ମଧ୍ୟେ ବିରାଜଇ ॥
ଅଣିମା, ପ୍ରାକାମ୍ୟ, ମହିମା। ଈଶିତ୍ୱ, ବଶିତ୍ୱ, ଲଘିମା ॥
କାମାବସାୟିତା ଓ ବ୍ୟାପ୍ତି । ଏ ଅଷ୍ଟ ଐଶ୍ୱର୍ଯ୍ୟ ବିଭୂତି ॥
ଯୋଗ ସାଧନେ ପ୍ରାପ୍ତହୁଏ । ସାଧକ ଅଙ୍ଗେ ଉଦେ ହୁଏ ॥
କାରଣେ ନୀଳବର୍ଣ୍ଣେ ଥାଏ । ସୂକ୍ଷ୍ମରେ ଧବଳ ବର୍ଣ୍ଣ ହୁଏ ॥
ସାଧନ ପୂର୍ଣ୍ଣ ସମୟରେ । ସୂକ୍ଷ୍ମରେ ଅନୁଭବ କରେ ॥
ବିଭୂତି ପ୍ରାପ୍ତି ପ୍ରଭାବରେ । ସ୍ଥୂଳରେ ଆଜ୍ଞା କାର୍ଯ୍ୟକରେ ॥
ବାକ୍‌ସିଦ୍ଧି, ସଂଯମ ଶକ୍ତି । ସାଧକ ଅଙ୍ଗେ ବିକଶନ୍ତି ॥
ଏହାରି ମାଧମ ସୂତ୍ରରେ । ବ୍ରହ୍ମଙ୍କ କୃପା ଆଶିଷରେ ॥
ବିରାଟ ପୁରୁଷ ମହିମା । ଲୀଳା, କୈବଲ୍ୟର ଉପମା ॥
ଧରାରେ ପ୍ରକାଶିତ ହୁଏ । ଜୀବର ବିବେକ ଚଳାଏ ॥
ବିବେକ ଆଚ୍ଛାଦିତ କରି । ଅଜ୍ଞାନ ଦିଏ ଅପସରି ॥

"ବିଭୂତି" ବୋଲି ଯାହାକୁ କହୁଛ, ତାହା କାରଣ ଜଗତରେ ନୀଳବର୍ଣ୍ଣ ଜ୍ୟୋତିରେ ଉଦ୍ଭାସିତ ହୋଇ ଜ୍ୟୋତିବ୍ରହ୍ମ ନାମରେ ରହିଥାଏ । ବ୍ରହ୍ମଙ୍କ ଆଜ୍ଞାରେ କାରଣରୁ ସୂକ୍ଷ୍ମ ଓ ସୂକ୍ଷ୍ମରୁ ସ୍ଥୂଳକୁ କ୍ଷରିତ ହୋଇ ଆସେ । ଏହା ସୂକ୍ଷ୍ମକୁ ଗତି କରିବା ସମୟରେ ଧବଳବର୍ଣ୍ଣ ହୋଇ ଆସେ । ସାଧକ ତାହାର ପୂର୍ଣ୍ଣସିଦ୍ଧି ବେଳରେ କେବଳ ଏହାକୁ ସୂକ୍ଷ୍ମରେ ଅନୁଭବ କରେ । ଅନ୍ୟଥା ସମ୍ଭବ ନୁହେଁ । ଏହାରି ଭିତରେ ଅଣିମା, ଲଘିମା, ମହିମା, ବ୍ୟାପ୍ତି, ପ୍ରାକାମ୍ୟ, ଈଶିତ୍ୱ, ବଶିତ୍ୱ କାମାବସାୟିତା ଆଦି ଅଷ୍ଟ ଐଶ୍ୱର୍ଯ୍ୟ ରହିଅଛି । ଯୋଗ ସାଧନର ସିଦ୍ଧି ସ୍ୱରୂପ ଏମାନେ ବ୍ରହ୍ମଙ୍କ ଆଦେଶରେ ସାଧକ ଅଙ୍ଗରେ ସୂକ୍ଷ୍ମସତ୍ତା ନେଇ ପ୍ରବେଶ କରନ୍ତି । ପୂର୍ଣ୍ଣସିଦ୍ଧି ସମୟରେ ସାଧକ ଏହାକୁ ଅନୁଭବ କରେ । ଏହାରି ପ୍ରଭାବରେ ସାଧକର ବାକ୍‌ସିଦ୍ଧି, ସଂଯମ ଆଦି ଦିବ୍ୟଗୁଣ ପ୍ରକାଶିତ ହୁଏ ଏବଂ

ଏମାନେ ସ୍ଥୂଳରେ ତାର ଆଜ୍ଞା ପାଳନ କରି କାର୍ଯ୍ୟ କରନ୍ତି । ଏହି ବିଭୂତି ଦ୍ୱାରା ବିରାଟ ପୁରୁଷଙ୍କ ମହିମା, ଲୀଳା ଓ କୈବଲ୍ୟ ପ୍ରାପ୍ତି ହୁଏ । ଜୀବର ବିବେକକୁ ବିଭୂତି ଆଚ୍ଛାଦିତ କରି କୈବଲ୍ୟ ନିର୍ମାଣରେ ସହାୟକ ହୁଏ ।

ମହାପ୍ରଭୁଙ୍କ ଠାରୁ ଉକ୍ତ ନିଗୂଢ଼ ତତ୍ତ୍ୱ ଶୁଣିବା ପରେ ଜିଜ୍ଞାସୁ ପୁନଃ ନିବେଦନ କଲା :

**ଅବ୍ୟକ୍ତ, କାରଣ ଓ ସୂକ୍ଷ୍ମ । ଭୂମା ବିଭୂତି ଗୁପ୍ତ ମର୍ମ ॥**
**ସଂକ୍ଷେପେ ଦେଲେ ତ ବୁଝାଇ । ଯୁଗ କ୍ରିୟାରେ କିସ ହୋଇ ॥**
**ମର୍ତ୍ତ୍ୟରେ କିପରି ପ୍ରକାଶ । ବ୍ୟାପକ ଅବସ୍ଥା ଜୀବେଶ ॥**
**କେଉଁ ଭାବରେ ବିସ୍ତାରୁଛି । ଜୀବ କଲ୍ୟାଣେ ବିକଶୁଛି ॥**
**କରୁଣା କରି କୁହ ଦେବ । କଟୁ ମୋ ମନୁ ପରମାଦ ॥**

ହେ ପ୍ରଭୁ! ଭୂମା ବିଭୂତିର ଅବ୍ୟକ୍ତ, କାରଣ ଓ ସୂକ୍ଷ୍ମ ସ୍ଥିତି ସମ୍ପର୍କରେ ସଂକ୍ଷେପ ସୂଚନା ତ ଦେଲେ । ମାତ୍ର ସ୍ଥୂଳରେ ଯୁଗାନୁବାଦରେ ଏହା କିପରି ମର୍ତ୍ତ୍ୟଭୂମି ଓ ଜୀବଜଗତ ମଧ୍ୟରେ ବିସ୍ତାରିତ, ବିକସିତପ୍ରକାଶିତ ହେଉଛି ତଥା ଜୀବକଲ୍ୟାଣ କାର୍ଯ୍ୟରେ ନିୟୋଜିତ ହେଉଛି କରୁଣା କରି କୁହନ୍ତୁ ।

କରୁଣାଘନ ମୂର୍ତ୍ତି ପ୍ରେମାବତାର କହିଲେ:

**ମର୍ତ୍ତ୍ୟଧାମର ସୃଷ୍ଟି ପରେ । ଯୁଗ, ବରଷ, ମାସ, ବାରେ ॥**
**ଗ୍ରହ, ନକ୍ଷତ୍ର, କାଳ ଆଦି । ଇଚ୍ଛାରେ ସୃଷ୍ଟି କଲେ ଆଦି ॥**
**ଏ ଭାବେ ବ୍ରହ୍ମ ବିସ୍ତାରିତ । ଯୁଗରୁ ଜୀବର ପର୍ଯ୍ୟନ୍ତ ॥**
**ମାନବ ଜାତି ସୃଷ୍ଟି ନେଇ । 'ତତ୍ତ୍ୱ'କୁ ଆଣିଲେ ଖସାଇ ॥**
**ଆଶିଷ ଦେଇ ମୁନି ଅଙ୍ଗ । ତତ୍ତ୍ୱଦର୍ଶୀଙ୍କ ସଙ୍ଗେ ସଙ୍ଗ ॥**
**ପ୍ରେରିତ ହେଲା ଧରାଧାମେ । 'ବ୍ରହ୍ମଶ୍ରୁତି'ରେ ଜ୍ଞାନ ଜନ୍ମେ ॥**
**ଜ୍ଞାନ ବ୍ୟାପକ ଶ୍ରୁତିକଲା । ବ୍ରହ୍ମାନୁଭୂତି ପ୍ରାପ୍ତ ହେଲା ॥**

ତତ୍ତ୍ୱଦର୍ଶୀ ଓ ମହାମୁନି । ବ୍ରହ୍ମାନୁକମ୍ପା ମର୍ତ୍ତ୍ୟେ ଆଣି ॥
ମାନବ ଜାତି ଚେତାଇଲେ । ବ୍ରହ୍ମଶ୍ରୁତିକୁ ପ୍ରକାଶିଲେ ॥
ଜ୍ଞାନ ବ୍ୟାପକ ହେବାପରେ । 'ଭୌମିକକ୍ଷ' ଆସେ ଦୃଷ୍ଟିରେ ॥
ସତ୍ୟଯୁଗର ଆଗମନେ । 'ଭୌମିକକ୍ଷ'ରୁ ଆମ୍ଭମାନେ ॥
ଆଜ୍ଞାରେ ହୋଇଲେ ଉତ୍ପନ୍ନ । ବିଭିନ୍ନ ଅଙ୍ଗରେ ଘୂର୍ଣ୍ଣନ ॥
ଖସିଲେ ମାନବ ଅଙ୍ଗରେ । ତପ କରିଲେ ସଦାଚାରେ ॥
ହୋଇଲା ପ୍ରାପ୍ତି ଦିବ୍ୟଜ୍ଞାନ । ଦେଖିଲେ ଅଦ୍ଭୁତ ବିଜ୍ଞାନ ॥
ଆପଣା ଛାଏଁ ବ୍ରହ୍ମପିଣ୍ଡ । ବ୍ୟାପକ ହୋଇଛି ବ୍ରହ୍ମାଣ୍ଡ ॥
କୋଟିରୁ କୋଟି ଉର୍ଦ୍ଧ୍ୱ ଖଣ୍ଡ । ଝୁଲନ୍ତି ହୋଇ ସେ ବ୍ରହ୍ମାଣ୍ଡ ॥
ଗୈରିକ ବର୍ଣ୍ଣ ଜ୍ୟୋତି ନେଇ । ଶୂନ୍ୟ ଆକାଶେ ଝଟକଇ ॥
ଆଜ୍ଞା ଆଦେଶେ ବଦଳଇ । ପରିବର୍ତ୍ତନ କକ୍ଷ ହୋଇ ॥
କେତେବେଳେ ତା ରଙ୍ଗ ନୀଳ । କେବେଳେ ହୁଅଇ ଧବଳ ॥
ପୁଣି କେବେଳେ ହରିଦ୍ରାରେ । ମିଶି ଯାଆନ୍ତି ନିର୍ବିକାରେ ॥
ଏକଥା କେହି ନ ଜାଣନ୍ତି । ଆନ ଆନକୁ କହିଥାନ୍ତି ॥
କେବଳ ମୁନି, ଋଷି ଗଣ । ଧ୍ୟାନ, ସମାଧି କରି ଟାଣ ॥
ଦର୍ଶନ କରନ୍ତି ଏ ଦୃଶ୍ୟ । ଅନ୍ୟକୁ ହୁଏ ଅବିଶ୍ୱାସ ॥
ଏହାକୁ ବ୍ରହ୍ମ ଭୌମି ଭୂମା । ନାମରେ ଦିଅନ୍ତି ଉପମା ॥
ସତ୍ୟଲୋକର ସୂକ୍ଷ୍ମକର୍ମ । କଳ୍ପର ଯେତେ ଜ୍ଞାନ ମର୍ମ ॥
ଏ ଭାବେ ଜ୍ୟୋତି ରୂପ ନେଇ । ବ୍ରହ୍ମାଣ୍ଡ ହୋଇ ଝୁଲୁଥାଇ ॥

ମର୍ତ୍ତ୍ୟଭୂମି ନିର୍ମାଣ ପରେ ଯୁଗ, ବର୍ଷ, ମାସ, ଦିନ, କାଳ, ଗ୍ରହ, ନକ୍ଷତ୍ର ଆଦି ସୃଷ୍ଟି ହେଲା । ବ୍ରହ୍ମ ସବୁଥିରେ ସ୍ୱୟଂ ଉପସ୍ଥିତ ହୋଇ ବ୍ୟାପକରୁ

ବ୍ୟାପକତର ହୋଇ ଆଚ୍ଛାଦିତ କଲେ । ମାନବ ଜାତିର ସୃଷ୍ଟିପରେ ସେହି ଜାତିର ଆବଶ୍ୟକତା ବିଚାର କରି ମୁନି ଅଙ୍ଗ ଓ ତତ୍ତ୍ୱଦର୍ଶୀ ଅଙ୍ଗ ସୃଷ୍ଟି ହୋଇ ମର୍ତ୍ତ୍ୟକୁ ପ୍ରେରିତ ହେଲା । ସେମାନଙ୍କ ତପ, ଆରାଧନା ପ୍ରଭାବରେ ବ୍ରହ୍ମ ମର୍ତ୍ତ୍ୟରେ ଅନୁଭୂତ ହେଲା । ବ୍ରହ୍ମ ଶ୍ରୁତି ଦ୍ୱାରା ଜ୍ଞାନ ବ୍ୟାପକ ହୋଇ ''ଭୌମିକକ୍ଷ'' ମଣ୍ଡଳ ଦୃଷ୍ଟି କୋଣକୁ ଆସିଲା । ସତ୍ୟରେ ଭୌମିକକ୍ଷ ମଣ୍ଡଳରୁ ଭିନ୍ନ ଅଂଶୀୟ ଅଙ୍ଗମାନେ ଆପେ ଆପେ ସୃଷ୍ଟି ହୋଇଗଲେ । ସେମାନେ ଦିବ୍ୟଜ୍ଞାନ ପ୍ରାପ୍ତ ହୋଇ ଦେଖିଲେ ବ୍ରହ୍ମ ନିଜ ଇଚ୍ଛାରେ ବ୍ୟାପକ ବ୍ରହ୍ମାଣ୍ଡ ହୋଇ ଝୁଲୁଛନ୍ତି । ଏହାକୁ **''ବ୍ରହ୍ମଭୌମି ଭୂମା''** କୁହାଯାଏ । ଏହାର ଆଜ୍ଞାଦ୍ୱାରା କୋଟିକୋଟି ବ୍ରହ୍ମାଣ୍ଡ ଗୈରିକ ବର୍ଣ୍ଣ ଧାରଣ କରି ଇଚ୍ଛାମତେ ଝୁଲୁଛନ୍ତି । ପୁନଶ୍ଚ ଆଜ୍ଞାପ୍ରାପ୍ତ ହେଲେ କକ୍ଷ ପରିବର୍ତ୍ତନ କରୁଛନ୍ତି । ଘୂର୍ଣ୍ଣନ ସମୟରେ କେତେବେଳେ ନୀଳବର୍ଣ୍ଣ, କେତେବେଳେ ଧବଳବର୍ଣ୍ଣ ପୁଣି ବେଳେବେଳେ ହରିଦ୍ରାବର୍ଣ୍ଣରେ ମିଶିଯାଉଛନ୍ତି । ଏହି ଦିବ୍ୟଦୃଶ୍ୟକୁ କେବଳ ମୁନିଋଷିମାନେ ଆଶୀର୍ବାଦ ପ୍ରଭାବରେ ଅନୁଭବ କରିପାରନ୍ତି । ଉକ୍ତ ଜ୍ୟୋତିପୁଞ୍ଜ କଳ୍ପସୂତ୍ରର ପ୍ରତ୍ୟେକ ବିଜ୍ଞାନ ତତ୍ତ୍ୱକୁ ଧାରଣ କରିଥାଆନ୍ତି ଏବଂ ସତ୍ୟଲୋକର ପ୍ରତିଟି ସୂକ୍ଷ୍ମକର୍ମରେ ସହାୟକ ହୁଅନ୍ତି ।

**୨. 'ଅବର୍ଣ୍ଣି ଭୂମା' ଯେ ମଣ୍ଡଳ । ଶ୍ରୁତିଚକ୍ର ବର୍ଣ୍ଣନା ସ୍ଥଳ ॥**
**'ଅକଳନ' ସୂତ୍ରରେ ରହି । ସୂକ୍ଷ୍ମରେ ଜୀବପାଇଁ ଥାଇ ॥**
**ମାନବ ପିଣ୍ଡର ତ୍ରିଗୁଣ । ତହିଁରୁ ଶ୍ରେଷ୍ଠ ସତଗୁଣ ॥**
**ଜୀବର ବୁଦ୍ଧି ଓ ବିବେକ । ଭାବକୁ ନେଇ ତାର ଭେକ ॥**
**'ସତ୍' ହିଁ ଏକମାତ୍ର ଗୁଣ । ପୂର୍ଣ୍ଣାଙ୍ଗ କରେ ସର୍ବଗୁଣ ॥**
**ଯଜ୍ଞ, ତପସ୍ୟା, ଆରଧନା । ଆବର ଯେତେ ଉପାସନା ॥**
**ଅବର୍ଣ୍ଣି ପୂରଣ କରନ୍ତି । ଧବଳ ବର୍ଣ୍ଣେ ବିରାଜନ୍ତି ॥**
**ବ୍ରହ୍ମାଣ୍ଡେ ଏହା ନୀଳବର୍ଣ୍ଣ । ପିଣ୍ଡରେ ଧବଳ ବରନ ॥**

'ଶ୍ରୁତି'ରେ ଚକ୍ର ବର୍ଣ୍ଣନା, ଅକଳନ ସୂତ୍ରଦ୍ୱାରା ଏହି **''ଅବର୍ଣ୍ଣିଭୂମା''** ମଣ୍ଡଳରେ ଜୀବଜଗତଙ୍କ ଉଦ୍ଦେଶ୍ୟରେ ସୂକ୍ଷ୍ମରେ ଅଛି । ମାନବ ପିଣ୍ଡରେ ତ୍ରିଗୁଣ

ମଧରେ ଶ୍ରେଷ୍ଠ ଗୁଣ ସତ୍ ଅଛି । ସତ୍ ତା'ର ପ୍ରତ୍ୟେକଟି ଭାବଦ୍ୱାରା ବୁଦ୍ଧି, ବିବେକରେ ଶୁଦ୍ଧତା, ପୂର୍ଣ୍ଣତା ଆଣେ । ତପସ୍ୟା, ଆରାଧନା, ଯଜ୍ଞ ମାଧମରେ ସାଧନକ୍ରିୟା ସିଦ୍ଧି ସମୟରେ ବ୍ରହ୍ମଙ୍କୁ ଅନୁଭବ କରିବାର ସାମର୍ଥ୍ୟ ଏହି ମଣ୍ଡଳରୁ କ୍ଷରିତ ହୁଏ । ବ୍ରହ୍ମାଣ୍ଡରେ ଏହି ଶକ୍ତି ନୀଳବର୍ଣ୍ଣର ଜ୍ୟୋତି ନେଇ ରହିଥାଏ । କିନ୍ତୁ ପିଣ୍ଡକୁ ଗତି କରିବା ସମୟରେ ଧବଳ ରଙ୍ଗରେ ଅନୁଭୂତ ହୁଏ ।

**୩. 'ପିଣ୍ଡତର୍ଣ୍ଣିଭୂମା' ମଣ୍ଡଳ । ଏଠାରେ ସର୍ବ ସିଦ୍ଧି ଖେଳ ॥**
**ପଞ୍ଚବିଂଶତି ତତ୍ତ୍ୱ ନେଇ । ଶରୀର ଗଠନ ହୁଅଇ ॥**
**କାରଣ, ସୂକ୍ଷ୍ମ, ସ୍ଥୂଳ, ରାଶି । ମିଶ୍ରଣେ ଶରୀର ପ୍ରକାଶି ॥**
**ବହୁଭାବର ଆଧାରରେ । ଅଙ୍ଗ ପ୍ରତ୍ୟଙ୍ଗ ଭିନ୍ନତାରେ ॥**
**ଶରୀର ନିର୍ମାଣ ହୁଅଇ । ବ୍ରହ୍ମଙ୍କ ଆଜ୍ଞାରେ ଚଳଇ ॥**
**ସତ୍‌ଶ୍ରୁତିର ଶ୍ରବଣରେ । ଶରୀର ଅଙ୍ଗ ସିଦ୍ଧି କରେ ॥**
**ଏହି ମଣ୍ଡଳୁ ସିଦ୍ଧ ଶକ୍ତି । ସୂକ୍ଷ୍ମେ ପିଣ୍ଡରେ ପ୍ରକାଶନ୍ତି ॥**

ପଞ୍ଚବିଂଶତି ତତ୍ତ୍ୱର ଆଧାରରେ ଶରୀର ଗଠନ କରାଯାଏ । କାରଣ ଜୀବସୃଷ୍ଟି, ଶରୀର ଗଠନରର ଆବଶ୍ୟକତା 'କାରଣ', 'ସୂକ୍ଷ୍ମ' ଓ 'ସ୍ଥୂଳ' ତତ୍ତ୍ୱର ମିଶ୍ରଣ ପ୍ରକ୍ରିୟାରେ ନିର୍ଣ୍ଣୟ ହୋଇଥାଏ । ତେଣୁ ଶରୀର ଗୋଟିଏ ହୋଇଥିଲେ ମଧ ଅଙ୍ଗ, ପ୍ରତ୍ୟଙ୍ଗ ମଧରେ ଭିନ୍ନତା ରହେ ଏବଂ କାର୍ଯ୍ୟ ମଧ ପୃଥକ ହୁଏ । ବ୍ରହ୍ମଙ୍କ ଇଚ୍ଛା ଓ ଆଦେଶ ଅନୁସାରେ ସତ୍‌ଶ୍ରୁତି ଶ୍ରବଣ କରି ଅଙ୍ଗ ପ୍ରତ୍ୟଙ୍ଗ ସିଦ୍ଧ ହୁଏ । ଏହି ସିଦ୍ଧି ଶକ୍ତିକୁ ଯେଉଁଠାରେ ନିୟନ୍ତ୍ରଣ କରାଯାଏ, ସେହି ସ୍ଥାନ ବା ମଣ୍ଡଳର ନାମ **'ପିଣ୍ଡତର୍ଣ୍ଣିଭୂମା'** ॥

**୪. 'ଅନମିତ ଭୂମା' ଯେ ନାମ । ପିଣ୍ଡ ତତ୍ତ୍ୱରେ ମୁଖ୍ୟ ଧାମ ॥**
**ଜୀବର ସତ୍ୟ, ନିଷ୍ଠା କର୍ମ । ବିଶ୍ୱାସ, ଦୃଢ଼ତାର ଧର୍ମ ॥**
**ଅଖଣ୍ଡ ବାକ୍ୟ, ଅଭିଶାପ । ଅଟଳ ପ୍ରତିଜ୍ଞା ସମୀପ ॥**
**ସତର ଅହଂତତ୍ତ୍ୱ ଜ୍ଞାନ । ତ୍ୟାଗ, ଯଜ୍ଞ ସହ ବିଜ୍ଞାନ ॥**
**ସୂକ୍ଷ୍ମରେ ବ୍ରହ୍ମାଣ୍ଡ ତତ୍ତ୍ୱରେ । ରହଇ ଧବଳ ଜ୍ୟୋତିରେ ॥**
**ସାଧନ ବଳେ ସିଦ୍ଧ ଯିଏ । ଏହି ମଣ୍ଡଳ ଭେଦି ଯାଏ ॥**
**ପିଣ୍ଡରେ ଦୃଢ଼ ଭାବ ପାଏ । ପ୍ରତିଜ୍ଞା କର୍ମ କରିଯାଏ ॥**

ସତ୍, ନିଷ୍ଠା ଧାରଣ, ବିଶ୍ୱାସ, ଦୃଢ଼ତା, ଅଖଣ୍ଡ ବାକ୍ୟ, ଅଭିଶାପ, ଯଜ୍ଞ ତ୍ୟାଗ, ଜିଦ୍, ଅଟଳ ପ୍ରତିଜ୍ଞା, ସତ୍‌ର ଅହଂ ତତ୍ତ୍ୱଜ୍ଞାନ, ବିଜ୍ଞାନ ଆଦି କ୍ରିୟାର ଫଳାଫଳ ଏହି **''ଅମନିତି ଭୂମା''** ମଣ୍ଡଳରେ ନିୟନ୍ତ୍ରିତ ହୋଇଥାଏ । ଉକ୍ତ ଶକ୍ତି/ବିଭୂତି ସୂକ୍ଷ୍ମରେ ବ୍ରହ୍ମାଣ୍ଡ ତତ୍ତ୍ୱରେ ଧବଳ ବର୍ଣ୍ଣର ଜ୍ୟୋତି ହୋଇ ରହିଥାଏ । ସାଧକ ସାଧନ କ୍ରିୟା ଦ୍ୱାରା ଏହି ମଣ୍ଡଳ ପ୍ରାପ୍ତ ହେଲେ ବ୍ରହ୍ମଙ୍କ ଆଜ୍ଞାରେ ଏହି ବିଭୂତି ତା'ର ପିଣ୍ଡରେ ପ୍ରବେଶ କରେ । ତାହାରି ପ୍ରଭାବରେ ପିଣ୍ଡ ଭାବତୋଳି ପ୍ରତିଜ୍ଞାବଦ୍ଧ ଅବସ୍ଥାରେ ପରିଣତି କର୍ମ କରିଯାଏ ।

**୫. 'ବିମନିତି ଭୂମା' ମଣ୍ଡଳ । କାରଣେ ଶୂନ୍ୟେ ଢ଼ଳଢ଼ଳ ॥**
**ଲାଲବର୍ଣ୍ଣର ଜ୍ୟୋତି ନେଇ । ଶୂନ୍ୟ ସୂତ୍ରରେ ଝୁଲୁଥାଇ ॥**
**ଜରାୟୁ ପଥେ ପିଣ୍ଡେ ପଶେ । ସୂକ୍ଷ୍ମ ଚଳନ ପଥେ ଦିଶେ ॥**
**ପବନ ସୂତ୍ରେ କାର୍ଯ୍ୟକରେ । ଜନମୁ ମରଣ ସତ୍ୟରେ ॥**
**ଅସତ କର୍ମ ରୁଦ୍ଧକରେ । ପରିବର୍ତ୍ତନ ନାହିଁ ତାରେ ॥**
**ପିଣ୍ଡରେ ଯେମନ୍ତ ପବନ । ଜରୁରୀ ବହେ ଘନ ଘନ ॥**
**କେବଳ ସତ୍‌ରେ ଚଳଇ । ଅସତେ ନିରବ ରହଇ ॥**

ମହାଶୂନ୍ୟ ସୂତ୍ରରେ କାରଣ ଜଗତରେ ଏହି **''ବିମନିତି ଭୂମା''** ବିଭୂତି ଶୂନ୍ୟରେ ଲାଲବର୍ଣ୍ଣ ଜ୍ୟୋତି ଧାରଣ କରି ଝୁଲୁଥାଏ । ଜରାୟୁ ଦ୍ୱାରା ପିଣ୍ଡକୁ ଆସି ସୂକ୍ଷ୍ମଚଳନ କ୍ରିୟା ପବନ ସୂତ୍ର ଦ୍ୱାରା ପ୍ରବେଶ କରେ । ଜୀବନ ଧାରଣ ଅବସ୍ଥାରେ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ସତ୍ୟ ଭାବେ ରହେ । ଏହାର ଗତିପଥ ପରିବର୍ତ୍ତନ ହୁଏ ନାହଁ । ପିଣ୍ଡରେ ପବନ କର୍ମ ଯେଉଁ ସ୍ଥାନରେ ଯେଭଳି ଆବଶ୍ୟକ ସେହିଭଳି କର୍ମ ତାର ସତ୍ ଅଟେ । ପବନ ଚାଳିତ କର୍ମରେ ଅସତ୍‌ବିଦ୍ଧ କର୍ମ ସଂଗଠିତ ହୋଇପାରେ ନାହିଁ । କାରଣ ତାହା ଏହି ମଣ୍ଡଳ ଭୁକ୍ତ ଅଟେ ।

**୬. 'କମଧ୍ୱଜ ଭୂମା' ବିଭୂତି । ବ୍ରହ୍ମାଣ୍ଡେ ପବନର ଗତି ॥**
**ଧବଳ, ଲାଲ ବର୍ଣ୍ଣନେଇ । ସୂକ୍ଷ୍ମରେ ଗତି କରୁଥାଇ ॥**
**ଏହାର ଅଂଶୁ ସୂକ୍ଷ୍ମ ଗୁଣ । କାରଣୁ ସୂକ୍ଷ୍ମକୁ ଗମନ ॥**
**ସୂକ୍ଷ୍ମରୁ ପିଣ୍ଡକୁ ପ୍ରବେଶ । ସୁଷୁମ୍ନା ନାଡ଼ିରେ ପ୍ରକାଶ ॥**
**ମୂଳପିଣ୍ଡରେ ସିଦ୍ଧ ହୋଇ । ଗୁପତେ ସୂକ୍ଷ୍ମେ ଯାଏ ରହି ॥**
**ଗୋପନେ ବାୟୁ ଗତି ବେଗ । ବଢ଼ାଇ କରଇ ଉଦ୍‌ବେଗ ॥**

ବ୍ରହ୍ମାଣ୍ଡରେ ପବନ ବେଗର ଗତି ହୋଇ ଧବଳ, ଲାଲ ବର୍ଣ୍ଣର ଜ୍ୟୋତିରେ ଉଦ୍‌ଭାସିତ ହେଉଥାଏ । ଏହାର ଅଂଶୁ ମଧ ଦେଖାଯାଏ । ଅଂଶରୁ ପ୍ରତ୍ୟେକ ଗୁଣ କାରଣ ଜଗତରୁ ସ୍ଥୂଳକୁ ଗତିକରେ । ତାହା ମାନବ ପିଣ୍ଡରେ ସୁଷୁମ୍ନା ନାଡ଼ିରେ ମୂଳପିଣ୍ଡ ରୂପେ ସିଦ୍ଧ ହୋଇ ରହିଯାଏ । ଗୋପନରେ ପିଣ୍ଡସ୍ଥ ବାୟୁଚଳନ ଗତି ବେଗ ବୃଦ୍ଧି କରାଇଥାଏ । ଏହାହିଁ 'କମଧ୍ୱଜ ଭୂମା' ବିଭୂତି ଅଟେ ।

୭. 'ଅବିଧୃତି ଭୂମା' ମଣ୍ଡଳ । ବାଇଗଣିରେ ଢଳଢଳ ॥
ଏ ଷଡ଼ଚକ୍ର ଛୟାଳିଶ । ପଚ୍ଚିହ ଶ୍ରୁତିରେ ବିକାଶ ॥
ମହାଶୂନ୍ୟରେ ଗତି କରେ । ଆଜ୍ଞାରେ ରହଇ ପିଣ୍ଡରେ ॥
ପିଣ୍ଡରେ ସୂକ୍ଷ୍ମେ କରେ ବାସ । ସେବେଳେ ଧବଳର ବେଶ ॥
ଗୋପନେ ଲୁଚି ଛପି ରହେ । ପଦ୍ମଚକ୍ର ଦଳକୁ ଶୋହେ ॥
ଛୟାଳିଶ ପଚ୍ଚିହ ଦ୍ୱାରା । ଆଚ୍ଛାଦିତ ସେ ହୁଏ ପରା ॥
ଅଚେତନ ଜୀବ ନ ଜାଣେ । ଜଡ଼ତା ଅଂଶେ ଜାଲ ବୁଣେ ॥

ଷଡ଼ଚକ୍ର ଛୟାଳିଶ ପଚ୍ଚିହ ଶ୍ରୁତିରେ ଉକ୍ତ''ଅବିଧୃତି ଭୂମା'' ବିଭୂତି ଥାଏ । ମହାଶୂନ୍ୟରେ ଏହା ବାଇଗଣି ରଙ୍ଗ ଜ୍ୟୋତି ମଧରେ ଗତି କରୁଥାଏ । କାରଣରୁ ଆଜ୍ଞାରେ ବସି ଯେତେବେଳେ ପିଣ୍ଡରେ ସୂକ୍ଷ୍ମ ଅବସ୍ଥାରେ ଛପିରହେ, ସେତେବେଳେ ଧବଳବର୍ଣ୍ଣ ରୂପ ଧାରଣ କରି, ପିଣ୍ଡସ୍ଥ ପ୍ରତ୍ୟେକ ଚକ୍ରରେ ଦଳ ଓ ଛୟାଳିଶ ପଚ୍ଚିହ ଦ୍ୱାରା ଆଚ୍ଛାଦିତ ହୋଇଥାଏ । ଅଚେତନ ଜୀବ ଜାଣିପାରେ ନାହିଁ । ଜଡ଼ତା ଅଂଶ ଅବିଧୃତି ଭୂମା ଜାଲ ବିସ୍ତାର କରିଥାଏ ।

୮. ''ଭୂଧୃତି ଭୂମା'' ଯେ ବିଭୂତି । ମାତୃ ଗର୍ଭରେ ତାର ସ୍ଥିତି ॥
ଗର୍ଭ ଆରମ୍ଭୁ ଦଶମାସ । ବ୍ରହ୍ମ ଆଜ୍ଞାରେ କରେ ବାସ ॥
ଗର୍ଭରେ ପିଣ୍ଡର ଗଠନ । ଶରୀର ବୃଦ୍ଧି ପ୍ରକରଣ ॥
ଜରାୟୁ ମଧ୍ୟେ ଭ୍ରୁଣ ଗତି । ବ୍ରହ୍ମ ଆଦେଶେ ପରିଣତି ॥
ପିଣ୍ଡ ନିର୍ମାଣ ପୂର୍ଣ୍ଣ ହେଲେ । ଗୁପ୍ତରେ ବ୍ରହ୍ମ ଲୀଳା ଚାଲେ ॥
ଭୂଧୃତି ଭୂମା ମସ୍ତକରେ । ଢୁକୁଢୁକିରେ କ୍ରିୟାକରେ ॥
ବ୍ରହ୍ମ ଆଦେଶମତେ ରହି । ଚାଳନା କରୁଥାଏ ରହି ॥
କାରଣେ ଏହା ଥିଲା ବେଳେ । ଘନନୀଳ ଜ୍ୟୋତିରେ ଖେଳେ ॥

ଜେଡ୍ (Z) ଆକୃତି ନେଇ ଥାଏ । ଆଜ୍ଞାକୁ ସଦା ଚାହେଁ ରହେ ॥

ଯେ ବେଳେ ଜରାୟୁକୁ ଯାଏ । ଧବଳ ବର୍ଣ୍ଣ ହୋଇଯାଏ ॥

ବ୍ରହ୍ମ ଗୁପ୍ତରେ ଛପି ରହି ମାତୃଗର୍ଭର ପ୍ରଥମରୁ ଦଶମାସ ପର୍ଯ୍ୟନ୍ତ ଭୂଧୃତି ଭୂମାକୁ ଆଦେଶ ଦେଇଥାନ୍ତି । କାରଣ ଜଗତରେ ଉକ୍ତ **ଭୂଧୃତି ଭୂମା** ବିଭୂତି ଘନନୀଳ ଜ୍ୟୋତି ମଧ୍ୟରେ ଜେଡ୍ (Z) ଆକୃତି ନେଇ ରହିଥାଏ । ବ୍ରହ୍ମଙ୍କ ଆଜ୍ଞା ପାଇଲେ ଧବଳ ବର୍ଣ୍ଣ ଜ୍ୟୋତି ନେଇ ମାତୃ ଜରାୟୁରେ ପ୍ରବେଶ କରେ । ସେଠାରେ ଆଦେଶାନୁସାରେ ପିଣ୍ଡର ଗଠନ, ସଂଚାଳନ, ବୃଦ୍ଧିକରଣ ଆଦି କ୍ରିୟାରେ ସହାୟ ହୁଏ । ଗର୍ଭରେ ପିଣ୍ଡ ନିର୍ମାଣ ସଂପୂର୍ଣ୍ଣ ହୋଇଗଲେ ବ୍ରହ୍ମ ଗୁପ୍ତରେ ଅବସ୍ଥାନ କରି ଲୀଳା ପ୍ରକଟ କରନ୍ତି । ଭୂଧୃତି ଭୂମା ମସ୍ତକରେ ଆଜ୍ଞାନୁଯାୟୀ ''ଦୁକୁଦୁକି'' କୁ ଚାଳନ କରେ ।

୯. 'କର୍ଣ୍ଣାଲ୍ୟସ ଭୂମା' ବିଭୂତି । ବ୍ରହ୍ମାଣ୍ଡେ ଧବଳର ଜ୍ୟୋତି ॥

ବ୍ରହ୍ମ ଆଜ୍ଞାରେ ପିଣ୍ଡେ ଆସେ । ଏସ (S) ଆକୃତି ନେଇ ବସେ ॥

ଜରାୟୁ ମଧ୍ୟେ ସୂକ୍ଷ୍ମେ ରହି । ବ୍ରହ୍ମ ଆଦେଶ ନିଏ ବାହୀ ॥

ପିଣ୍ଡରେ 'ଠୁଳ କୋଷ' ହୋଇ । ସୋରିଷ ପରି ଦିଶୁଥାଇ ॥

ରକ୍ତିମ ବର୍ଣ୍ଣ ହୋଇଥାଏ । ସାଧନ ସ୍ତର ଦେଖୁଥାଏ ॥

ପ୍ରାଣଶକ୍ତିର ସେ ଆଧାର । ପିଣ୍ଡରେ ରହେ ହୋଇ ସ୍ଥିର ॥

ସାଧକ ସଂଯମ ହୋଇଲେ । ରକ୍ତିମ କୋଷ ନ ଚହଲେ ॥

କୁଣ୍ଡଳିନୀ ଯୋଗ ଆରମ୍ଭେ । ସଂକୋଚ ହୋଇ ରହେ ଦମ୍ଭେ ॥

ଆକୃତି ଗୋଲାକାର ହୋଇ । ଦୃଢ଼ ଭାବରେ ଯାଏ ରହି ॥

ଏହି ସ୍ଥିତିରେ ରହିଗଲେ । ସାଧକ ସିଦ୍ଧି ପଥେ ଚଳେ ॥

ଆତ୍ମାନୁଭୂତି ତାର ହୁଏ । ସେହି ଅବସ୍ଥା ସ୍ଥିର ରହେ ॥

ଉକ୍ତ ''ଭୂଧୃତି ଭୂମା'' ବିଭୂତି ବ୍ରହ୍ମାଣ୍ଡରେ ଏସ୍ (S) ଆକୃତି ଧାରଣ

କରି ଧବଳ ବର୍ଣ୍ଣ ଜ୍ୟୋତିରେ ରହିଥାଏ । ବ୍ରହ୍ମଙ୍କ ଆଜ୍ଞାରେ ପ୍ରାଣଶକ୍ତିର ଆଧାର ହୋଇ ପିଣ୍ଡ ମଧ୍ୟରେ କାର୍ଯ୍ୟକରେ । ପିଣ୍ଡରେ ଏହା ଠୁଳ କୋଷ ହୋଇ ରକ୍ତିମ ବର୍ଣ୍ଣ ଧାରଣ କରି ସୋରିଷ ପରି ଦିଶୁଥାଏ । ସାଧକର ଅବସ୍ଥା ସଂଯମ ହେଲେ ଏହି ରକ୍ତିମ ବର୍ଣ୍ଣର ସ୍ନାୟୁକୋଷ ସ୍ଥିର ହୋଇଯାଏ । ସୁଷୁମ୍ନାରେ କୁଣ୍ଡଳିନୀ ଯୋଗ ଆରମ୍ଭ ହେଲେ ଏହା ସଂକୁଚିତ ହୋଇ ଗୋଲାକୃତି ସ୍ଥିତି ବାନ୍ଧେ । ଏହି ଗୋଲାକୃତି ସ୍ଥିତିକୁ ନେଇ ସାଧକ ଅହରହ ଆତ୍ମାନୁଭୂତି ପାଉଥାଏ ।

**୧୦. 'ବିଶ୍ରାଭୁବ ଭୂମା' ବିଭୂତି । କାରଣ ଜଗତରେ ସ୍ଥିତି ॥**
**ବ୍ରହ୍ମାଣ୍ଡେ ନାଲିବର୍ଣ୍ଣ ଜ୍ୟୋତି । ଛାଞ୍ଚୁଣୀ ମୁଠାପରି କାନ୍ତି ॥**
**ହିରଣ୍ୟ ଗର୍ଭରୁ ଆସଇ । ବିନ୍ଦୁ ବିନ୍ଦୁ ଭାବେ ଖସଇ ॥**
**ଆକାଶେ ଜ୍ୟୋତିବ୍ରହ୍ମ ବିନ୍ଦୁ । ଦିଶଇ ସତେ ପୂର୍ଣ୍ଣ ଇନ୍ଦୁ ॥**
**ପିଣ୍ଡରେ ଗୁପ୍ତେ ରହିଥାଏ । ବ୍ରହ୍ମ ଆଦେଶ ପାଳୁଥାଏ ॥**
**ଜୀବର ସ୍ଖଳନ ପ୍ରକ୍ରିୟା । ଆଜନ୍ମ ଧରିଥାଏ କାୟା ॥**
**ଆଦେଶେ ବେଗ କମିଗଲେ । ପ୍ରାଣଶକ୍ତି ବେଗ ଚହଲେ ॥**
**ପିଣ୍ଡର ଆୟୁ କମିଯାଏ । ଜନମ ଖେଳ ସରିଯାଏ ॥**

ଏହି **ବିଶ୍ରାଭୁବ ଭୂମା** ବିଭୂତି କାରଣ ଜଗତରେ, ବ୍ରହ୍ମାଣ୍ଡରେ ରହି ବିରାଟ ଲାଲ ବର୍ଣ୍ଣର ଛାଞ୍ଚୁଣୀ ମୁଠା ଆକୃତିରେ ହିରଣ୍ୟ ଗର୍ଭରୁ ବିନ୍ଦୁ ବିନ୍ଦୁ ହୋଇ ଆସି ଆକାଶରେ ଜ୍ୟୋତିବିନ୍ଦୁ ପରି ରହିଥାଏ । ଆଦେଶାନୁକ୍ରମେ ପିଣ୍ଡରେ ପ୍ରବେଶ କରି ଜୀବର ଆଜନ୍ମ ସ୍ଖଳନ କ୍ରିୟାକୁ ସାହାଯ୍ୟ କରେ । ବ୍ରହ୍ମ ଆଜ୍ଞାରେ ଏହାର ବେଗ କମିଗଲେ ଦେହରେ ପ୍ରାଣଶକ୍ତି ଦ୍ୱାରା ଆୟୁ କମିଯାଏ ।

**୧୧. 'ଅକ୍ରିୟାଇ ଭୂମା' ବିଭୂତି । ହିରଣ୍ୟ ଗର୍ଭ ମଧ୍ୟେ ସ୍ଥିତି ॥**
**ତା ମଧ୍ୟେ 'ଧୃତି କମଣ୍ଡଳୁ' । ଗୁପ୍ତରେ ହୁଏ ବ୍ରହ୍ମ ଚଳୁ ॥**
**ଧୂମ୍ର ବର୍ଣ୍ଣର ଜ୍ୟୋତି ନେଇ । ରହଇ ଗୁଡ଼େଇ ତୁଡ଼େଇ ॥**
**ଜଳୀୟ ଅଂଶରେ ବିସ୍ତରେ । ପିଣ୍ଡ ତତ୍ତ୍ୱକୁ ଲକ୍ଷ୍ୟ କରେ ॥**

ସୁଷୁମ୍ନା ନାଡ଼ି ମଧ ଦେଇ । ଜଳକଣାର ରୂପ ନେଇ ॥
ପିଣ୍ଡକୁ ପ୍ରବେଶ କରଇ । ସ୍ନାୟୁ କୋଷରେ ଯାଏ ରହି ॥
ବାୟୁ ଚାଳନା କର୍ମ ସହ । ଯୁକ୍ତ ସେ ହୁଏ ଅହରହ ॥
ଖାଦ୍ୟ ରନ୍ଧନ, ପାଚକାଦି । ଦୂଷିତ ବାୟୁ ମଳ ଆଦି ॥
ତ୍ୟାଗ ଓ ନିଷ୍କାସନ କର୍ମ । ପାଳନେ ସହାୟ ତା ଧର୍ମ ॥
ପ୍ରାଣାୟାମ କର୍ମେ ସାଧକ । ପୂରକ, ରେଚକ, କୁମ୍ଭକ ॥
ନାଡ଼ି ସଂସ୍କାର ପ୍ରାଣବାୟୁ । ନାମ ସୂତ୍ର ଚାଳନ ଆୟୁ ॥
ସର୍ବ କ୍ରିୟାରେ ଭାଗ ନିଏ । ଆଜ୍ଞାରେ ଜୀବକୁ ଚଳାଏ ॥
ସୂର୍ଯ୍ୟଙ୍କ ସହସ୍ର ଅଂଶୁରେ । କିରଣ ବିକିରଣ କରେ ॥

ହିରଣ୍ୟ ଗର୍ଭର ''ଧୃତି କମଣ୍ଡଳୁ'' ରେ ଧୂମ୍ରବର୍ଣ୍ଣ ଧାରଣ କରି ଏହି **ଅକ୍ରିମ୍ଭାଈ ଭୂମା** ବିଭୂତି ଗୁଡ଼େଇ ତୁଡ଼େଇ ହୋଇ ଗୁପ୍ତ ଭାବରେ ଥାଏ । ଏହା ଜଳୀୟ ଅଂଶ ହୋଇ ବିସ୍ତାର ଲାଭ କରେ । ପିଣ୍ଡ ତତ୍ତ୍ୱକୁ ଲକ୍ଷ୍ୟ କରିଥାଏ । ସୁଷୁମ୍ନା ନାଡ଼ି ଦେଇ ଏହା ଜଳକଣା ରୂପ ଧାରଣ କରି ପିଣ୍ଡରେ ଥିବା ସ୍ନାୟୁ କୋଷରେ ବାୟୁସହ ଚାଳନା କ୍ରିୟାର କର୍ମ କରିଥାଏ । ଖାଦ୍ୟ ରନ୍ଧନ କ୍ରିୟା, ହଜମ କ୍ରିୟା, ଦୂଷିତ ବାୟୁ ନିଷ୍କାସନ, ମଳ ତ୍ୟାଗ କ୍ରିୟାରେ ସଂପୂର୍ଣ୍ଣ ସହାୟକ ହୋଇଥାଏ । ସାଧକ କର୍ମର ପ୍ରାଣାୟାମ ସୂତ୍ର ରେଚକ, ପୂରକ, କୁମ୍ଭକରେ, ନାଡ଼ି ସଂସ୍କାରିତ କର୍ମରେ ଓ ପ୍ରାଣବାୟୁ ନାମସୂତ୍ର ଚାଳନା କ୍ରିୟାରେ ଭାଗ ନେଇଥାଏ । ସୂର୍ଯ୍ୟଙ୍କର ସହସ୍ର ଅଂଶୁରେ ଆଜ୍ଞାବହ ହୋଇ କିରଣ ବିକିରଣ କରେ ॥

୧୨. 'ଉର୍ମ୍ମାଶୂରୀ ଭୂମା' ବିଭୂତି । ବ୍ରହ୍ମାଣ୍ଡେ ଧଳା ରଙ୍ଗେ ସ୍ଥିତି ॥
ଶଗଡ଼ ଚକ ପ୍ରାୟେ ରହି । ଆଜ୍ଞା ଆଦେଶ ଥାଏ ଚାହିଁ ॥
ଅଷ୍ଟସିଦ୍ଧି ଯେ ନବନିଧି । ଏ ମଧ୍ୟେ ରଖିଛନ୍ତି ବିଧି ॥
ପିଣ୍ଡେ ପ୍ରବେଶ କାଳେ ଧୂମ୍ର । ବହୁଳେ ହୋଇଥାଏ ନମ୍ର ॥
ବିରଳେ ନୀଳବର୍ଣ୍ଣ ଦିଶେ । ଆଜ୍ଞାରେ ପିଣ୍ଡକୁ ପ୍ରବେଶେ ॥

ନବନିଧିର ସୂକ୍ଷ୍ମ ସତ୍ତା । ଦିଅଇ ସାଧକକୁ କର୍ତ୍ତା ॥
ସୂକ୍ଷ୍ମ ଗୁଣରେ ସୌର ଶକ୍ତି । ବହନ କରଇ ବିଭୂତି ॥
ଔଷଧ ଗୁଣେ ବଳୀୟାନ । କରଇ ରୋଗକୁ ହରଣ ॥
ଅଷ୍ଟସିଦ୍ଧିର ସର୍ବଗୁଣ । ସାଧକ ପିଣ୍ଡ ସୂତ୍ରେ ଜାଣ ॥
ଏହି ବିଭୂତି ଆଶିଷରେ । ଜୀବକୁ ମାୟା ମୁକ୍ତ କରେ ॥
ଯୋଗ କ୍ରିୟାରେ ସୂକ୍ଷ୍ମ ଶକ୍ତି । ସାଧକ ସ୍ଥିର କରେ ମତି ॥
ଭିନ୍ନ ରଙ୍ଗର ବିଭିନ୍ନତା । ଗଠନେ ସହାୟ କରତା ॥

ଉକ୍ତ **ଉର୍ମ୍ମାଶୂରୀ ଭୂମା** ବିଭୂତି ଧବଳ ରଙ୍ଗ ଜ୍ୟୋତିରେ ଶଗଡ଼ଚକର ଆକୃତି ନେଇ ବ୍ରହ୍ମାଣ୍ଡରେ ରହିଥାଏ । ବ୍ରହ୍ମଙ୍କ ଆଦେଶରେ ଧରାଧାମକୁ ଓ ସାଧକର ପିଣ୍ଡକୁ ପ୍ରବେଶ କରେ । ପିଣ୍ଡ ପ୍ରବେଶ ସମୟରେ ବହୁଳ ଭାବରେ ଧୂମ୍ର ବର୍ଣ୍ଣ ଏବଂ ବିରଳ ଭାବରେ ନୀଳବର୍ଣ୍ଣ ଜ୍ୟୋତି ଧାରଣ କରେ । ଏହି ବିଭୂତି ସୂକ୍ଷ୍ମରେ ଅଷ୍ଟସିଦ୍ଧି ଓ ନବନିଧି ଧାରଣ କରି ରହିଥାଏ । ବ୍ରହ୍ମଙ୍କ ଆଦେଶରେ ସାଧକ ଶରୀରକୁ ପ୍ରବେଶ କରି ତାହାକୁ ଦିବ୍ୟଶକ୍ତି ପ୍ରଦାନ କରିଥାଏ । ଏହାରି ପ୍ରଭାବରେ-ନବନିଧି ପ୍ରାପ୍ତିରେ ସୌରଶକ୍ତିର ସୂକ୍ଷ୍ମାତିସୂକ୍ଷ୍ମ ଗୁଣସୂତ୍ର ଦ୍ୱାରା ଔଷଧୀୟ ଶକ୍ତି ପ୍ରବେଶ କରେ ଓ ରୋଗ ଆରୋଗ୍ୟ ଲାଭ କରେ । ଅଷ୍ଟସିଦ୍ଧି ଦ୍ୱାରା ସାଧକକୁ ପୂର୍ଣ୍ଣାଙ୍ଗ କରି ମାୟା କବଳରୁ ମୁକ୍ତ କରିଦିଏ । ଯୋଗକ୍ରିୟାରେ ନିମଗ୍ନ କରାଇ ଆଦେଶାନୁବଦ୍ଧ ପରିଚାଳନା କରେ ।

୧୩. 'ବିଧୂର୍ମ୍ମା ଭୂମା' ଯେ ବିଭୂତି । ଧୂସର ବର୍ଣ୍ଣ ମଧ୍ୟେ ସ୍ଥିତି ॥
ବ୍ରହ୍ମାଣ୍ଡେ ଉର୍ମ୍ମଧୂର୍ମ୍ମ ଜ୍ୟୋତି । ଜାଜ୍ୱଲ୍ୟ ହୋଇ ଝଟକନ୍ତି ॥
ତାହାର ଚାରି ପାରୁଶରେ । ମହିମା ରୂପ ସ୍ୱରୂପରେ ॥
ଶିମ୍ବ ମଞ୍ଜିର ଆକୃତିରେ । ସୂକ୍ଷ୍ମରେ ରହେ ଆଦେଶରେ ॥
ଯେତେକ ଅଲୌକିକ ମତ । ଭାବ ଓ କର୍ମ ପ୍ରକୃତିସ୍ଥ ॥
ସମସ୍ତ ହୁଏ ବିଭୂତିରେ । ସତ୍‌କର୍ମର ମୂଳାଧାରେ ॥

ବ୍ରହ୍ମଙ୍କ ଆଦେଶ ପାଇଲେ । ପିଣ୍ଡକୁ ତାର ପଥ ଖୋଲେ ॥
ସାଧକ ଯେବେ ସମଧିସ୍ଥ । ତା ମଧ୍ୟେ ଏହା ହୁଏ ସ୍ଥିତ ॥
ସଂକ୍ରାନ୍ତି ତିଥି ଯୋଗ ପାଇ । ଉର୍ମ୍ମ ଯେ ଧଳା ବର୍ଣ୍ଣ ହୋଇ ॥
ଏହି ତିଥିରେ ଧୂର୍ମ୍ମ ଜ୍ୟୋତି । ଧୂସର ବର୍ଣ୍ଣେ ଝଲକନ୍ତି ॥
ପୂର୍ଣ୍ଣିମା ତିଥି ଯେବେ ହୁଏ । ଉର୍ମ୍ମ ଯେ ନୀଳ ବର୍ଣ୍ଣ ହୁଏ ॥
ଗୋଲାପ ରଙ୍ଗେ ଧୂର୍ମ୍ମ ଜ୍ୟୋତି । କୁଣ୍ଡଳିନୀରେ ବକ୍ର ସ୍ଥିତି ॥
ଏହି ବକ୍ରରୁ ଧଳାଲୋକ । ସୂକ୍ଷ୍ମରେ ଆବୋରେ ସାଧକ ॥
ବୈଖାରୀ ସୂତ୍ରୀ ଯୋଗଦେଇ । ଅକ୍ଷର ରୂପ ଆଣି ଦେଇ ॥
ଶବଦ ବିନିଯୋଗ କରେ । ସାଧକ ସୂକ୍ଷ୍ମେ ଜାଣିପାରେ ॥
ବ୍ରହ୍ମଙ୍କ ଆଦେଶ ବଳରେ । ଅକ୍ଷର ଶବଦ ଭାବରେ ॥
ପହଞ୍ଚେ ମର୍ତ୍ତ୍ୟ ଧାମ ପରେ । ଇଙ୍ଗିତେ ଭାବ ସୃଷ୍ଟି କରେ ॥
ଏହି ଇଙ୍ଗିତ ପାଇ ହସ୍ତ । ଅକ୍ଷର ଲେଖଇ ତୁରିତ ॥
ମନସେ ଶ୍ରୁତିରେ ସେ ରହେ । ସୂକ୍ଷ୍ମ ଚୈତନ୍ୟ ହୋଇଥାଏ ॥

ବ୍ରହ୍ମାଣ୍ଡରେ ''ଉର୍ମ୍ମ ଧୂର୍ମ୍ମ'' ଜ୍ୟୋତିର ଚାରିପାର୍ଶ୍ୱରେ ମହିମା ରୂପ ଧାରଣ, ଅଲୌକିକ ଭାବ, ମତ ଆଦି ପ୍ରକୃତିସ୍ଥ ସମସ୍ତ ସତ୍‌କର୍ମ ଏହି **ବିଧୂର୍ମ୍ମା ଭୂମା ବିଭୂତିର ପରିପ୍ରକାଶ** । ଏହା ବ୍ରହ୍ମାଣ୍ଡରେ ଧୂସର ବର୍ଣ୍ଣର ଜ୍ୟୋତିରେ ଶିମ୍ବ ମଞ୍ଜିର ଆକୃତି ନେଇ ରହିଥାଏ । ସାଧକର ସମାଧି ଅବସ୍ଥା ଉପୁଜିଲେ ପିଣ୍ଡରେ ଏହି ବିଭୂତି ପୂର୍ଣ୍ଣ ଭାବରେ ଅନୁଭୂତ ହୁଏ । ସଂକ୍ରାନ୍ତିରେ ''ଉର୍ମ୍ମ'' ଧବଳ ଓ ''ଧୂର୍ମ୍ମ'' ଧୂସର, ପୂର୍ଣ୍ଣିମାରେ ''ଉର୍ମ୍ମ'' ନୀଳ ଓ ''ଧୂର୍ମ୍ମ'' ଗୋଲାପ ରଙ୍ଗ ହୋଇ କୁଣ୍ଡଳିନୀରେ ବକ୍ର ହୋଇଯାଏ । ଏହି ବକ୍ରରୁ ଧବଳ ଆଲୋକ ସୂକ୍ଷ୍ମରେ ସାଧକର ବୈଖାରୀ ସୂତ୍ରୀ ଯୋଗକୁ ଅକ୍ଷର ରୂପ ଆଣି ଶବ୍ଦ ବିନିଯୋଗ କରେ । ଏହା କେବଳ ଅନୁଭବରେ ଆସେ । ମର୍ତ୍ତ୍ୟଧାମରେ ଆବଶ୍ୟକ ପଡ଼ିଲେ ଆଦେଶାନୁଯାୟୀ ଅକ୍ଷର ଶବ୍ଦ ଭାବରେ ପହଞ୍ଚେ ଏବଂ ଇଙ୍ଗିତ, ଭାବର

ପ୍ରଭାବରେ ହସ୍ତଦ୍ୱାରା ଲେଖା ଆରମ୍ଭ କରେ । ଶ୍ରୁତିରେ ମାନସରେ ଏହା ସୂକ୍ଷ୍ମ ଚୈତନ୍ୟ ଅବସ୍ଥାରେ ସର୍ବଦା ରହିଥାଏ ।

୧୪.'ସୌମିତ୍ରାଇ ଭୂମା' ବିଭୂତି । ସୂକ୍ଷ୍ମରେ ବ୍ରହ୍ମାଣ୍ଡରେ ଗତି ॥
କାରଣ ଆଜ୍ଞାବହ ହୋଇ । କର୍ମକୁ ଚାଳନ କରଇ ॥
ଗ୍ରହ, ନକ୍ଷତ୍ର, ଭୂତ ପ୍ରେତ । ଚଳନେ କରଇ ସମ୍ଭୁତ ॥
ସୌର ଚଳନ ଗତି ପଥ । ବେଗ କ୍ରିୟାକୁ ନିୟନ୍ତ୍ରିତ ॥
ପିଣ୍ଡ ମଧ୍ୟରେ କରୁଥାଏ । ଆଜ୍ଞାକୁ ଲକ୍ଷ୍ୟ ରଖିଥାଏ ॥
ପ୍ରାରବ୍ଧ, କ୍ରିୟମାଣ କର୍ମ । ସଞ୍ଚିତ କର୍ମଫଳ ମର୍ମ ॥
ଅବସ୍ଥା ସ୍ଥୂଳ ଓ ସୂକ୍ଷ୍ମର । ଅଭ୍ୟାସ ସୂତ୍ରୀ ଯୋଗଦ୍ୱାର ॥
ପରିବର୍ତ୍ତନ କରିପାରେ । କର୍ମଫଳକୁ ସୂକ୍ଷ୍ମ ଡ଼ୋରେ ॥
ଗତି ଚଳନ କେନ୍ଦ୍ରେ ନେଇ । ଯୋଗରେ ସହାୟକ ହୋଇ ॥
ଅଣିମା ଲଘିମାଦି ସିଦ୍ଧି । ପ୍ରାପ୍ତ କରାଏ ଅଷ୍ଟନିଧି ॥

ଏହି **ସୌମିତ୍ରାଇ ଭୂମା** ବିଭୂତି ବ୍ରହ୍ମାଣ୍ଡରେ ଭୂତ, ଗ୍ରହ, ନକ୍ଷତ୍ରାଦିକୁ କାରଣର ଆଜ୍ଞାବହ ଭାବେ ନିୟନ୍ତ୍ରିତ କରି ଚଳନ କ୍ରିୟାରେ ସାହାଯ୍ୟ କରେ । ସୌର ଚଳନର ଗତି, ପଥ , ବେଗ ଓ କ୍ରିୟାକୁ ନିୟନ୍ତ୍ରଣ କରି ପିଣ୍ଡ ମଧ୍ୟରେ ଥିବା ପ୍ରାରବ୍ଧ, କ୍ରିୟମାଣ ଓ ସଞ୍ଚିତ ଅବସ୍ଥାକୁ ସ୍ଥୂଳ, ସୂକ୍ଷ୍ମର 'ଅଭ୍ୟାସ ସୂତ୍ରୀ', ଯୋଗପଥକୁ ପରିବର୍ତ୍ତନ କରି ତାର କର୍ମଫଳ ଭୋଗକୁ ଗତିଚଳନ କେନ୍ଦ୍ର ଅଣିମା, ଲଘିମାରେ, 'ସିଦ୍ଧିପ୍ରାପ୍ତ' କରାଇଦିଏ । ଯୋଗ-କର୍ମ ଫଳରେ ସହାୟତା କରି ସାଧକକୁ ପୂର୍ଣ୍ଣତା ପଥକୁ ଆଗେଇ ନିଏ ।

୧୫. 'ଅତ୍ରାଇ ଭୌରୀ ଭୂମା' ନାମେ । ବିଭୂତି ଆସେ ଧରାଧାମେ ॥
ବ୍ରହ୍ମାଣ୍ଡ ତତ୍ତ୍ୱ ମାଧ୍ୟମରେ । କାରଣ ମଣ୍ଡଳ ଭିତରେ ॥
ଗ୍ରହଣ, ପରାଗର କ୍ରିୟା । ତା ମଧ୍ୟେ ଅଣିମତ୍ୱ ଛାୟା ॥

ଯେଉଁ ମହିମା ଦେଖାଯାଏ ।। ଏହି ବିଭୂତି ଦ୍ୱାରା ହୁଏ ॥
ଯୁଗର ବିବର୍ତ୍ତନ କାଳେ । ବ୍ରହ୍ମଙ୍କ ଆଜ୍ଞା ଇଚ୍ଛାବଳେ ॥
ସକ୍ରିୟ ହୋଇ ଆଜ୍ଞାମତେ । କରଇ କର୍ମ ସେ ତୁରିତେ ॥
ପିଣ୍ଡ ତତ୍ତ୍ୱରେ ଯୋଗୀ ମତି । ସ୍ଥିର, ଚଞ୍ଚଳ ଭାବେ ସ୍ଥିତି ॥
ଆଦେଶ ମତେ ତୋଳୁଥାଏ । ଗତି ନିୟମ ଚଳୁଥାଏ ॥
ଚାନ୍ଦ୍ରାୟଣ ଓ ସୂର୍ଯ୍ୟାୟଣ । ଗତିର ବେଗ ନିୟନ୍ତ୍ରଣ ॥
କରି ବ୍ରହ୍ମଙ୍କ ଆଜ୍ଞାରେ । ଯୋଗୀ ତାହାକୁ ଜାଣିପାରେ ॥
ଏହି ବିଭୂତି ପ୍ରାପ୍ତ ହୋଇ । ସାଧକ ଜନ୍ମ ଧନ୍ୟ ହୋଇ ॥
ଚାନ୍ଦ୍ରାୟଣର ଗତି ଦେଇ । ଜରାୟୁ ତତ୍ତ୍ୱକୁ ଜାଣଇ ॥
ସମସ୍ତ ଜ୍ଞାନ ତତ୍ତ୍ୱ ରାଶି । ନିଷ୍କଳେ ଯୋଗୀ ଦେଖେ ବସି ॥
ମାନସ ଚୈତନ୍ୟ ବଳରେ । ସୂକ୍ଷ୍ମରେ ଅନୁଭବ କରେ ॥

ଏହା ବ୍ରହ୍ମାଣ୍ଡ ତତ୍ତ୍ୱରେ କାରଣ ମଣ୍ଡଳରେ ଗ୍ରହଣ, ପରାଗ କ୍ରିୟାରେ ଯେଉଁ ଅଣିମତ୍ୱ ମହିମା ପ୍ରକଟିତ ହୁଏ, ତାହାକୁ ପ୍ରଦର୍ଶନ କରାଏ । ଏହି ଅଲୌକିକ କ୍ରିୟା **"ଅତ୍ରାଇ ଭୌରୀ ଭୂମା"** ଦ୍ୱାରା ସଂଗଠିତ ହୁଏ । ଯୁଗ ବିବର୍ତ୍ତନ ଲୀଳାରେ ବ୍ରହ୍ମ ଇଚ୍ଛାନୁସାରେ ସକ୍ରିୟ ହୋଇ ଗୁରୁତ୍ୱପୂର୍ଣ୍ଣ କର୍ମ ସମ୍ପାଦନ କରେ । ପିଣ୍ଡ ତତ୍ତ୍ୱରେ ଯୋଗୀର ଚାନ୍ଦ୍ରାୟଣ ଗତି ଓ ସୂର୍ଯ୍ୟାଗଣ ଗତି ସୂତ୍ରରେ ଏହି ବିଭୂତି ବେଗ ନିର୍ଣ୍ଣୟ କରେ । ଉକ୍ତ ବେଗରେ ସଫଳତା, ବିଫଳତା ଯୋଗୀ ଜାଣିପାରେ । ଉକ୍ତ ବିଭୂତି ପ୍ରାପ୍ତ ହେଲେ ଚାନ୍ଦ୍ରାୟଣ ଗତିରେ ଜରାୟୁ ତତ୍ତ୍ୱ ନିର୍ଣ୍ଣୟର ସମସ୍ତ ଜ୍ଞାନତତ୍ତ୍ୱକୁ ଯୋଗୀ ନିରୀକ୍ଷଣ କରେ ଓ ମାନସ ଚୈତନ୍ୟ ଦ୍ୱାରା ସୂକ୍ଷ୍ମରେ ଅନୁଭବ କରେ ।

୧୬. ସେ 'ଅନିଦ୍ୱାଭ ଭୌରିଭୂମା' । କେ ବର୍ଣ୍ଣିପାରେ ତା ମହିମା ॥
ପିଣ୍ଡରେ ଧବଳ ଜ୍ୟୋତିରେ । ତା ସ୍ଥିତପ୍ରାଜ୍ଞ ଅବସ୍ଥାରେ ॥

| | |
|---|---|
| ଯୋଗୀର ଲୟ ଭାବ ଗତି | । ଏକ ରେଖାରେ କରି ସ୍ଥିତି ॥ |
| ବ୍ରହ୍ମାନୁକମ୍ପା ବର ପାଇଁ | । ସଦା ଜାଗ୍ରତ ରହିଥାଇ ॥ |
| ଯୋଗୀର ଏହି ଅବସ୍ଥାରେ | । ନିଦ୍ରା, ମୈଥୁନ ଓ ଆହାରେ ॥ |
| ଦୃଢ଼ ସଂଯମ ଆସିଥାଇ | । ଇଚ୍ଛାରେ ସ୍ଥିର କରିଥାଇ ॥ |
| ବ୍ରହ୍ମାଣ୍ଡ ତତ୍ତ୍ୱରେ କୈବଲ୍ୟ | । ପ୍ରାପ୍ତ ଆତ୍ମାକୁ କରି ତୁଲ୍ୟ ॥ |
| ପହଞ୍ଚେ ଦେବଲୋକ ଯାନେ | । ଶୋଭିତ ଗୈରିକ ବରନେ ॥ |
| ସୂକ୍ଷ୍ମାଣୁ ବ୍ରହ୍ମଜ୍ଞାନ ନେଇ | । ବ୍ରହ୍ମ ଇଚ୍ଛାରେ ଘୁରୁଥାଇ ॥ |

ପିଣ୍ଡ ମଧ୍ୟରେ ଏହି **ଅନିଦ୍ୱାଭ ଭୌରୀ ଭୂମା** ବିଭୂତି ଧବଳବର୍ଣ୍ଣ ଜ୍ୟୋତିରେ ବ୍ରହ୍ମଙ୍କ ଆଦେଶରେ ପ୍ରବେଶ କରେ । ସ୍ଥିତପ୍ରାଜ୍ଞ ଅବସ୍ଥାରେ ଯୋଗୀର ଲୟ, ଭାବ, ଗତି ଏକ ସରଳରେଖାରେ ରଖି ବ୍ରହ୍ମଙ୍କ ବର ପ୍ରଦାନ କରିବା ସମୟରେ ସହାୟକ ହୋଇ ଜାଗ୍ରତ ରହେ । ଏହି ଅବସ୍ଥାରେ ଯୋଗୀର ଆହାର, ନିଦ୍ରା, ମୈଥୁନ ପୂର୍ଣ୍ଣ ସଂଯମ ହୁଏ । ଏହି ଭୂମା ଇଚ୍ଛାମତେ କାର୍ଯ୍ୟ କରେ । ବ୍ରହ୍ମାଣ୍ଡ ତତ୍ତ୍ୱରେ ଏହା କୈବଲ୍ୟ ପ୍ରାପ୍ତ ଆତ୍ମାରେ ଦେବଲୋକ ଯାନରେ ପହଞ୍ଚି ସୂକ୍ଷ୍ମାଣୁ ବ୍ରହ୍ମଜ୍ଞାନ ତତ୍ତ୍ୱର ଗୈରିକ ବର୍ଣ୍ଣ ଧାରଣ କରି ବ୍ରହ୍ମଙ୍କ ଇଚ୍ଛାରେ ତାଙ୍କ ଆଦେଶ ପାଳନ ପାଇଁ ଘୂର୍ଣ୍ଣନ କରୁଥାଏ ।

| | |
|---|---|
| ୧୭. 'ଖଗପୂର୍ଣ୍ଣା ଭୂମା' ବିଭୂତି | । ଧୂସର ବର୍ଣ୍ଣେ ତା'ର ଗତି ॥ |
| ହିରଣ୍ୟ ଗର୍ଭରେ ପ୍ରକୃତି | । ଯେ ଆତ୍ମା ରଖିଛି ସାଇତି ॥ |
| ବୃକ୍ଷଲତା ଘଞ୍ଚ ଜଙ୍ଗଲ | । ପାହାଡ଼, ପର୍ବତ ମଣ୍ଡଳ ॥ |
| ଏ ସର୍ବ ବନଜାତ ଆତ୍ମା | । ଆଜ୍ଞା ପ୍ରଦାନ କରି ଭୂମା ॥ |
| ଇଙ୍ଗିତେ ଚଳାଉ ଅଛନ୍ତି | । ସୂକ୍ଷ୍ମେ ଭିତରେ ବିରାଜନ୍ତି ॥ |
| ପିଣ୍ଡରେ 'ସୁ' ଓ 'କୁ'ର ଭାବ | । ବୃହତ କରଇ ଅଭାବ ॥ |
| ଉଭୟ ଭାବରେ ସୂକ୍ଷ୍ମରେ | । ବୀଜ ଭାବରେ ଖେଳକରେ ॥ |
| ଅଭ୍ୟାସ କର୍ମ ଦୃଢ଼ କରି | । 'କୁ' ଭାବକୁ ସେ ନାଶ କରି ॥ |

| | |
|---|---|
| ପାରିଲେ ସ୍ଥୂଳଚକ୍ରେ ତାହା | । ସୂକ୍ଷ୍ମ ବୀଜରେ ହୋଇ ସାହା ॥ |
| ସଂଯମ ଆଶିଷ ଦିଅନ୍ତି | । 'ସୁ' କୁ ସକ୍ରିୟ କରାନ୍ତି ॥ |

ଏହି **ଖଗପୂର୍ଣ୍ଣା ଭୂମା**ଙ୍କର ବର୍ଣ୍ଣ ଧୂସର । ହିରଣ୍ୟଗର୍ଭର ପ୍ରକୃତି ସମ୍ବନ୍ଧୀୟ ବୃକ୍ଷ, ଲତା, ପାହାଡ଼, ପର୍ବତ, ଘଞ୍ଚ ଜଙ୍ଗଲର ବନଜାତ ଆତ୍ମା ରୂପେ ମଣ୍ଡଳରେ ଆଜ୍ଞା ପ୍ରଦାନ କରିଥାଆନ୍ତି । ପିଣ୍ଡରେ ଭାବର ବୃହତ୍, ଖଳର ବୃହତ୍, ଅହଂକାର ହିଂସାର ବୃହତ୍, ସୂକ୍ଷ୍ମ ବୀଜ ରୂପେ ଥାଆନ୍ତି । ଜୀବ ଅଭ୍ୟାସ କର୍ମ ଦ୍ୱାରା 'କୁ' ଭାବ ସଂଯମ ଆଣିଲେ, ସ୍ଥୂଳରେ ତାହା ସୂକ୍ଷ୍ମ ବୀଜରେ କୋଷ ଦାହ ହୋଇ ସଂଯମତା ଅବଲମ୍ବନ କରେ । ଉଦାହରଣ ସ୍ୱରୂପ - ଶିଶୁ ଜନ୍ମ ହେଉଛି । ତା'ର ସୂକ୍ଷ୍ମ କୋଷ କ'ଣ ଅଛି, ଜଣାନାହିଁ । ଆମେ ତାକୁ ବାହ୍ୟ ଅଭ୍ୟାସ ଶିକ୍ଷା ଗୁଡ଼ିଏ ଦେଉଛେ । ସେ କହୁଛି କିଛି ଗ୍ରହଣ କରୁଛି, କିଛି ଭୁଲି ଯାଉଛି । ଏହାଦ୍ୱାରା ''ସୁ'' ଓ ''କୁ'' ଦୁଇଟି ଉଭୟ ଅଂଶ ତା' ମଧ୍ୟରେ ରହୁଛି । ଯେଉଁଟା ସ୍ଥୂଳରେ ଅଭ୍ୟାସ ଦ୍ୱାରା ବଳବତ୍ତର ହେଉଛି, ସେ କ୍ରିୟା ସଂଚାଳିତ ହେଉଛି । ତେଣୁ ଯଦି ଯୋଗ ସାଧନର କଠୋର ପଦକ୍ଷେପ ନିଆଯାଉଛି, ତେବେ 'କୁ' ନିଷ୍କ୍ରିୟ ହୋଇ 'ସୁ' ସକ୍ରିୟ ହେଉଛି । ଏହି ଉଭୟ ସଂଯୋଗ କ୍ରିୟା ଏହି ବିଭୂତି ଅନ୍ତର୍ଗତ ଅଟେ ।

| | | |
|---|---|---|
| ୧୮. | 'ଧଘମଟ ଭୂମା' ବିଭୂତି | । ବ୍ରହ୍ମାଣ୍ଡେ ନାଲି ବର୍ଣ୍ଣେ ସ୍ଥିତି ॥ |
| | ଲଞ୍ଜା ଆକୃତି ନେଇଥାଏ | । ମହାଶୂନ୍ୟରେ ଦେଖାଯାଏ ॥ |
| | ଅଭ୍ୟାସ ସୂତ୍ର ସିଦ୍ଧି କର୍ମ | । ଅଟଇ ୟାର ସାରମର୍ମ ॥ |
| | ବନ୍ୟର ଜୀବଜନ୍ତୁ ଗଣ | । ଲକ୍ଷ୍ୟ ତାଙ୍କର ହିଂସାଗୁଣ ॥ |
| | ସର୍ବଦା ସେହି ଭାବେ ରହି | । ଶିକାରେ ଯାନ୍ତି ସିଦ୍ଧ ହୋଇ ॥ |
| | ଏହି ଭୂମାଙ୍କ ପ୍ରଭାବରେ | । ହିଂସ୍ରଜ କର୍ମ କରିପାରେ ॥ |
| | ପିଣ୍ଡର ରଜତମ ଗୁଣେ | । ସୂକ୍ଷ୍ମ କୋଷର ଅନୁକୋଣେ ॥ |
| | ଏହି ବିଭୂତି ରହିଥାଏ | । ଜୀବ ଅଭ୍ୟାସେ ଚଳୁଥାଏ ॥ |
| | ଧୂସର ବର୍ଣ୍ଣ ହୋଇରହେ | । ଅଭ୍ୟାସ ଗାଢ଼ତର ହୁଏ ॥ |
| | ଅଭ୍ୟାସ କର୍ମ ବନ୍ଦ ହେଲେ | । ଏହାର ଶକତି ନ ଖୋଲେ ॥ |

ଏହା ବ୍ରହ୍ମାଣ୍ଡରେ ଲାଲବର୍ଣ୍ଣ ଧାରଣ କରି ଲଙ୍କା ପଡ଼ିଲା ଭଳି ମହାଶୂନ୍ୟରେ ଦେଖାଯାଏ । ବନ୍ୟଜୀବଜନ୍ତୁଙ୍କ ଏକ ଲକ୍ଷ୍ୟ ହିଂସ୍ରଜ କର୍ମ । ତାହା ଏହି ବିଭୂତି ଦ୍ୱାରା ସଫଳ ହୋଇଥାଏ । ମାନବ ଶରୀରର ରଜ, ତମ ଗୁଣରେ ସୂକ୍ଷ୍ମକୋଷରେ ଧୂସର ବର୍ଣ୍ଣ ଧାରଣ କରିଥାଏ । ଜୀବର ଅଭ୍ୟାସ ସୂତ୍ର ଯେତେ ଗାଢ଼, ଗାଢ଼ତର ହୁଏ, ଏହି ଶକ୍ତି ସ୍ନାୟୁ କୋଷକୁ ସେତେ ସତେଜ କରେ । ମାନବ ଯେଉଁ ଅଭ୍ୟାସରେ ଯେତେ ସକ୍ରିୟ ହୁଏ, ଏହି ବିଭୂତି ସୂକ୍ଷ୍ମରେ ରହି ସ୍ଥୂଳ ଶରୀରକୁ ସେତେ ଅଭ୍ୟାସରେ ବଳବତ୍ତର କରାଏ । ଅଭ୍ୟାସ ବନ୍ଦ ହେଲେ ଏହାର କର୍ମ ମଧ ବନ୍ଦ ହୋଇଯାଏ । କର୍ତ୍ତୃତ୍ୱ ରହେ ନାହିଁ ।

୧୯. 'ଘମଟକ ଭୂମା' ବିଭୂତି । ଶବଦ ନାଦ ମଧେ ସ୍ଥିତି ॥
ଶବ୍ଦ ସୃଷ୍ଟିର ତରଙ୍ଗରେ । ସୂକ୍ଷ୍ମ କୋଷରେ ଗତିକରେ ॥
ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳରେ । ବ୍ୟାପକ ଭାବେ ସେ ସୂକ୍ଷ୍ମରେ ॥
ମାନବ ପିଣ୍ଡରେ ସ୍ନାୟୁକୋଷ । ଶିରା ପ୍ରଶିରା ସର୍ବ ଦେଶ ॥
ଶବ୍ଦ ନାଦରେ ମିଶିଅଛି । ଶ୍ରୁତି ତତ୍ତ୍ୱରେ ରହୁଅଛି ॥

ଶବ୍ଦ ସୃଷ୍ଟିର ତରଙ୍ଗ ଅଟେ । ଶବ୍ଦ ପ୍ରତ୍ୟେକଟି ସୂକ୍ଷ୍ମ କୋଷରେ ପ୍ରବାହିତ ହୋଇ ମାନବ ଶରୀରର ଶିରା ପ୍ରଶିରାରେ, ପ୍ରତି ସ୍ନାୟୁ କୋଷରେ ରହିଛି । ଶବ୍ଦ, ନାଦରୁ ସବୁ ଆସିଅଛି । ଶବ୍ଦ ପଶୁ, ପକ୍ଷୀ, ବୃକ୍ଷଲତା, ନଦୀଜଳ, ଝରଣାଜଳ, ପବନର ପ୍ରତିଟି ଶ୍ରୁତି ତତ୍ତ୍ୱରେ ପ୍ରବାହିତ ହେଉଅଛି । ଏହି ବିଭୂତି ମୂଳପିଣ୍ଡ ମଧ ଧାରଣ କରିଥାଏ । ଏହା ଶବ୍ଦରେ ଅନ୍ତର୍ଭୁକ୍ତ ଅଛି । ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ ଭୂମିରେ ଶବ୍ଦ ଯେ ପର୍ଯ୍ୟନ୍ତ ବ୍ୟାପକ ଅଛି, ସେ ପର୍ଯ୍ୟନ୍ତ ଏହି ବିଭୂତିର ବ୍ୟାପକତା ରହିଛି, ରହିଥିବ । ମହାଶୂନ୍ୟରେ ଏହା ସୂକ୍ଷ୍ମଭାବେ ସର୍ବଦା ରହିଅଛି ।

୨୦. 'ଶବ୍ଦ ଘମଟ ଭୂମା' ନାମ । ପିଣ୍ଡ, ବ୍ରହ୍ମାଣ୍ଡ ମଧେ ଧାମ ॥
ଗୈରିକ ବର୍ଣ୍ଣ ଜ୍ୟୋତି ନେଇ । ଶିୟମଞ୍ଜିର ରୂପ ପାଇ ॥
ଶୂନ୍ୟରେ ସଦା ଝୁଲୁଥାଇ । ଆଜ୍ଞା ପାଇଲେ ପିଣ୍ଡେ ରହେ ॥

ପ୍ରାରବ୍ଧ ଜନ୍ମ କର୍ମଫଳ । ସଞ୍ଚିତ ଥିବା କର୍ମବଳ ।।
ତାହାକୁ ବିଚାରକୁ ନେଇ । ପିଣ୍ଡେ କୋଷରେ ରହିଥାଇ ।।
ସେହି କ୍ରମରେ ସଞ୍ଚାରଇ । ଜୀବ ତା ଜାଣି ନ ପାରଇ ।।
ବୟସ ବୃଦ୍ଧି ତାଳେ ତାଳେ । ଉନ୍ନତ ଜୀବନକୁ ତୋଳେ ।।
ପରମାର୍ଥ ଗତିର ପଥ । କରାଇ ଦିଏ ସେ ଉନ୍ମୁକ୍ତ ।।
ତ୍ୟାଗୀ ବୈରାଗୀ କରି ନିଏ । କୋଷ ନିର୍ମଳ ଶୁଦ୍ଧ ହୁଏ ।।
ସତ୍ୟ ପଥରେ ଦୃଢ଼ କରେ । ମିଥ୍ୟା କପଟ ନ ଆଚରେ ।।

ଏହି ବିଭୂତି ଗୈରିକ ବର୍ଣ୍ଣ ଜ୍ୟୋତିରେ ବ୍ରହ୍ମାଣ୍ଡରେ ଶିମ୍ବ ମଞ୍ଜିର ଆକୃତି ନେଇ ଦୋଳାୟମାନ ଅବସ୍ଥାରେ ରହିଥାଏ । ଆଜ୍ଞାପ୍ରାପ୍ତ ହେବାମାତ୍ରେ ଜୀବର ପିଣ୍ଡ ମଧ୍ୟରେ ପ୍ରବେଶ କରେ । ପ୍ରାରବ୍ଧ ସଞ୍ଚିତ କର୍ମ ଫଳରେ ପିଣ୍ଡ ମଧ୍ୟରେ କୋଷ ସଞ୍ଚାର ଆରମ୍ଭ କରେ । ଏହି କାର୍ଯ୍ୟ ଜୀବ ଅଚେତନରେ ଥାଏ । ବୟସ ପ୍ରାପ୍ତ ନେଇ ଉନ୍ନତ କଳା, ଆଧ୍ୟାତ୍ମିକ ଜୀବନ, ତ୍ୟାଗ, ବୈରାଗ୍ୟ, ରାଜନୀତି ସମୃଦ୍ଧଶାଳୀ ହୋଇ କୋଷ ଶୁଦ୍ଧ ନିର୍ମଳ ହୋଇଯାଏ । ଏହି କଳାର ବ୍ୟକ୍ତି କଳୁଷିତ, ମିଥ୍ୟାବାଦୀ ନୁହଁନ୍ତି । ଦୃଢ଼ଶକ୍ତି ଜୀବନ ଧାରଣ କରନ୍ତି ।

୨୧. 'ଉଲଟ ନାଦ ଭୂମା' ଶକ୍ତି । ଅତି ଗୁପ୍ତରେ ବିରାଜନ୍ତି ।।
ବ୍ରହ୍ମଙ୍କ ପଞ୍ଚଷଠୀ କକ୍ଷ । ସୂତ୍ରୀ ସୋପାନରେ ସେ ଛାପ ।।
ଏଠାରେ ବିନ୍ଦୁ ନାଦ ବ୍ରହ୍ମ । ଯୋଗରେ ନାଲି ରଙ୍ଗେ ସୂକ୍ଷ୍ମ ।।
ବ୍ରହ୍ମାଣ୍ଡର ପିଣ୍ଡ ପୁରୁଷ । ମଣ୍ଡଳେ ବିହରେ ଅଶେଷ ।।
ଯେ ଆତ୍ମା ମହାଶୂନ୍ୟ ସ୍ତର । ଜରାୟୁଜ ବ୍ରହ୍ମ ଗର୍ଭର ।।
ପଥକୁ ଗତି କରୁଥାଏ । ତାହାକୁ ପଥ ଦେଇଥାଏ ।।

ଏହି ବିଭୂତି ବ୍ରହ୍ମଙ୍କ ୬୫ (ପଞ୍ଚଷଠୀ) କକ୍ଷ ସୂତ୍ରୀ ସୋପାନ ଅଟେ । ଏହି ସୋପାନରେ ବ୍ରହ୍ମ ନାଦ + ବିନ୍ଦୁ ଯୋଗରେ **ଉଲଟ ନାଦ ଭୂମା** ଲାଲ

ରଙ୍ଗର ଜ୍ୟୋତିରେ ସୂକ୍ଷ୍ମରେ ବ୍ରହ୍ମାଣ୍ଡର ପିଣ୍ଡପୁରୁଷ ମଣ୍ଡଳରେ ବିଚରଣ କରୁଥାଏ । ମହାଶୂନ୍ୟକୁ ଯେଉଁ ଆତ୍ମା ଜରାୟୁଜ ବ୍ରହ୍ମଗର୍ଭକୁ ଗତିକରେ ଉଲଟ ନାଦ, ତାହାକୁ ପଥ ଦେଖାଇଦିଏ ।

**୨୨. 'ଉଲଟସୃରୀ ଭୂମା' ନାମ । ଧୂସର ବର୍ଣ୍ଣ ଜ୍ୟୋତି ଧାମ ॥**
**ପିଣ୍ଡ ପୁରୁଷ ମଣ୍ଡଳର । କୃମିଜାତ ଜୀବ ସଂସ୍କାର ॥**
**ଅନ୍ଧ, ମୂକ, ଅକର୍ମଣ୍ୟ । ବଧିର, ବାମନ, ଅସମାନ ॥**
**ରୋଗୀ ଇତ୍ୟାଦି ଯେଉଁ ଜୀବ । ଜନନୀ ଜଠରରେ ଯୋଗ ॥**
**ଏ ଜାତି ଆତ୍ମା ଧରା ତେଜି । ରହନ୍ତି ଏହିଠାରେ ମଜି ॥**
**ହିରଣ୍ୟଗର୍ଭ ମଧ୍ୟେ ଏହି । ମଣ୍ଡଳ ନାମ ରହିଥାଇ ॥**
**ଏଠାରୁ ଯେଉଁ ଆତ୍ମା ଆସେ । ବିକଳାଙ୍ଗରେ ସେ ପ୍ରକାଶେ ॥**
**ତାର ଆରୋଗ୍ୟ ହୁଏ ନାହିଁ । ସେହି ଭାବରେ ଫେରେ ସେହି ॥**
**ଯେ ବେଳେ ଫେରି ଯାଉଥାଏ । ବ୍ରହ୍ମ ବୈବର୍ତ୍ତ ଖୋଜୁଥାଏ ॥**
**ଏହି ବିଭୂତି ଯୋଗ ହୋଇ । ପଥକୁ ଦିଏ ସେ ଦେଖାଇ ॥**

ପିଣ୍ଡ ପୁରୁଷ ମଣ୍ଡଳର କୃମିଜାତ ସଂସ୍କାର ନେଇ ଯେଉଁ ଆତ୍ମା ଜନନୀ ଜଠରରେ ଆସନ୍ତି, ସେମାନେ କେମ୍ପା, କୁଜା, ଅନ୍ଧ, ମୂକ, ବଧିର, ଆଜନ୍ମ (ଜନ୍ମାନ୍ଧ) ଅନ୍ଧ, ବାମନ, ପୁଂଶକ୍ତି ବିହୀନ, ଅକର୍ମଣ୍ୟ, ପଙ୍ଗୁ, ଦୁଇଗୋଡ଼ ସାନ, ହାତସାନ, ମୁଣ୍ଡ ବଡ଼, ଉଦର ବଡ଼, ଶୋଇ ରହେ, ଜନ୍ମରୁ ବାତ ରୋଗୀ ହୋଇଥାନ୍ତି । ଏହି ପ୍ରକାର ଶିଶୁ ଆତ୍ମା ହିରଣ୍ୟ ଗର୍ଭର **ଉଲଟ ସୃରୀ ଭୂମା** ମଣ୍ଡଳରେ ଅବସ୍ଥାନ କରିଥାନ୍ତି । ମାତା, ପିତା ସଂଯୋଗ ସମୟରେ ଗ୍ରହ, ନକ୍ଷତ୍ର, ପ୍ରବାହ ନେଇ ଏହି ଆତ୍ମା ଜରାୟୁରେ ସ୍ଥାନ ପାଇଯାଆନ୍ତି । ଭୂମିଷ୍ଠ ହେଲେ ବିକଳାଙ୍ଗ ପିଣ୍ଡ ନେଇ ଧରାଧାମକୁ ଆସନ୍ତି । ଏହି ଜନ୍ମରେ ସେମାନଙ୍କର ଆରୋଗ୍ୟ ହୁଏନାହିଁ । ସଂସ୍କାରର ସୋପାନ ନେଇ ବ୍ରହ୍ମ ଇଚ୍ଛାମତେ ଫଳଭୋଗ ହୁଏ । ବ୍ରହ୍ମାଣ୍ଡ ପିଣ୍ଡରେ ଏହା ଧୂସର ବର୍ଣ୍ଣ ଦେଖାଯାଏ । ଧରାଧାମରେ

ଦେହଭୋଗ କରି ଦେହାନ୍ତ ହେଲେ ପୁନଶ୍ଚ ଏହି ମଣ୍ଡଳକୁ ଫେରି ଯାଆନ୍ତି । ଏଠାରେ ପହଞ୍ଚିବାପରେ ଉଲଟ ସୃରୀ ଭୂମା, ବ୍ରହ୍ମବୈବର୍ତ୍ତ ଭୂମା ମଣ୍ଡଳକୁ ରାସ୍ତା ଦେଖାଇଦିଏ ।

୨୩. 'ବ୍ରହ୍ମ ବୈବର୍ତ୍ତ ଭୂମା'ନାମେ । ବ୍ରହ୍ମାଣ୍ଡ ସ୍ତର ସୂକ୍ଷ୍ମ ଧାମେ ॥
ହରିଦ୍ରା ବର୍ଣ୍ଣେ ବିହରନ୍ତି । ମଣ୍ଡଳ କରି ରହିଛନ୍ତି ॥
ଉଲଟ ସୃରୀ ଭୂମା ଆତ୍ମା । ଏଠାରେ ଘୂରି ଥାନ୍ତି ଆତ୍ମା ॥
ତିନିବରଷ ସାତ ମାସ । କର୍ମ ତାଙ୍କର ହୁଏ ଶେଷ ॥
ସୁସଂସ୍କାରର ପିଣ୍ଡଭାବ । ପ୍ରକୃତିର ଯେ ସୁ ସ୍ୱଭାବ ॥
ସୂକ୍ଷ୍ମରେ ଧାରଣ କରନ୍ତି । ଧରାଧାମକୁ ଫେରିଯାନ୍ତି ॥
ଏଠାରେ ଭୋଗ ସମୟରେ । ଦିଶୁଥାନ୍ତି ମୀନ ରୂପରେ ॥
ଧବଳ ରଙ୍ଗ ଧାରଣରେ । ଆଲୋକ ଚିତ୍ର ପ୍ରକାଶରେ ॥

ଉଲଟ ସୃରୀ ଭୂମା ମଣ୍ଡଳରୁ ଆତ୍ମା ଏଠାରେ ପହଞ୍ଚି ହଳଦୀ ବର୍ଣ୍ଣ ଧାରଣ କରିଥାଏ । ଏଠାରେ ଘୂର୍ଣ୍ଣନ କରି ସାରିବା ପରେ, ସୁସଂସ୍କାରର ପିଣ୍ଡଭାବ, ପ୍ରକୃତିର ସୁସ୍ୱଭାବ ନେଇ ପୁଣି ଜଠରକୁ ଫେରି ଆସନ୍ତି । ଏଠାରେ କାର୍ଯ୍ୟକାଳ ତିନିବର୍ଷ ସାତମାସ ଭୋଗ ହୁଏ । ଏହି ଭୋଗ ଅବସ୍ଥାରେ ମୀନରୂପ ଧାରଣ ଆଲୋକ ଚିତ୍ର ଭଳି ଦେଖାଯାଏ । ଏହାର ରଙ୍ଗ ଧବଳ ହୋଇଥାଏ ।

ଏଥର ଏତିକି ଜାଣିଥା । ମନକୁ ନ ନିଅ ଅନ୍ୟଥା ॥
ଭୂମା ବିଭୂତି ଅସରନ୍ତି । ରହ ତୁ ବ୍ରହ୍ମପାଦ ଚିନ୍ତି ॥
କେବଳ ଜାଣିବାର ପାଇଁ । ଏତିକି ମାତ୍ର ଦେଲି କହି ॥
ପରେ ଯେବେ ତୁ ଇଚ୍ଛାକରୁ । ମନରେ ଜିଜ୍ଞାସା ତୁ କରୁ ॥
କହିବି ବୁଝାଇ ବିଭୂତି । ସ୍ଥିର ରଖିବୁ ତୋର ମତି ॥

ମହାପ୍ରଭୁଙ୍କ ଶ୍ରୀମୁଖରୁ ଭୂମା ବିଭୂତି ସମ୍ପର୍କରେ ଗୂଢ଼ ରହସ୍ୟ ଶୁଣିବା

ପରେ ସ୍ଥାଣୁ ହୋଇ ବସି ରହିଥିବା ସେବକ କୃତ୍ୟ କୃତ୍ୟ ହୋଇଗଲା । ଚକ୍ଷୁରୁ ତା'ର ଆନନ୍ଦାଶ୍ରୁ ଝରି ପଡ଼ିଲା । ସାଷ୍ଟାଙ୍ଗ ପ୍ରଣାମ କରି ବିନମ୍ର ଭାବରେ କହିଲା, ହେ ପ୍ରଭୁ ! ବ୍ରହ୍ମା, ଶଙ୍କର ଯାହାଙ୍କ ଆଦି, ଅନ୍ତ କଳନା କରି ପାରି ନାହାନ୍ତି ଏ ଅକିଞ୍ଚନ କ'ଣ କହି ସ୍ତୁତି କରିବ । ଯାହାଙ୍କ ଅନନ୍ତ ଗର୍ଭରେ ଜ୍ଞାନ ବିଜ୍ଞାନର କୌଣସି ସୀମା ନାହିଁ ତାଙ୍କ ନିକଟରେ କେଉଁ ଜ୍ଞାନ ଚର୍ଚ୍ଚା କରିବି ? ତେଣୁ ହେ କୃପାଳୁ ! ଅହେତୁକ କୃପା ଦାନ କରି ଆଜି ଯେଉଁ ଅଧରାମୃତ ଝରାଇ ଦେଲେ ତାହା ଶ୍ରବଣ, ପଠନ, ମନନ କରି ଯେଉଁ ଭକ୍ତଜନ ପ୍ରେମ, ଭକ୍ତି, ବିଶ୍ୱାସ ସହ ଆପଣଙ୍କ ପଦାରବିନ୍ଦରେ ଶରଣଭିକ୍ଷା ମାଗିବ, ତା'ର କୌଣସି ପାପ, ପୁଣ୍ୟର ହିସାବ ନ ଦେଖି ତାକୁ ଶରଣ ଦାନ କରିବେ ଓ ଶରଣ ରକ୍ଷଣ ମହାବାହୁ ନାମର ସାର୍ଥକତାକୁ ଅମର ରଖିବେ । ଏତିକି ମାତ୍ର ଶ୍ରୀଚରଣାରବିନ୍ଦରେ ପ୍ରାର୍ଥନା ।

ଯେଉଁ ଦିବ୍ୟାତ୍ମାମାନଙ୍କର ପୂଣ୍ୟ ପ୍ରଭାବ ଓ ଅକ୍ଲାନ୍ତ ପରିଶ୍ରମରେ ବାଘଧରିଆ ପବିତ୍ର ଭୂମିରେ ଏ ବିରଳ ମହାଯଜ୍ଞାନୁଷ୍ଠାନ ଅନୁଷ୍ଠିତ ହେଲା ସେମାନଙ୍କର ମଙ୍ଗଳ ହେଉ । ପରମକାରୁଣିକ, ଦୟାଳୁ ଠାକୁରଙ୍କ ଆଶିଷରେ ସେମାନଙ୍କର ଚଲାପଥ ପୁଷ୍ପମୟ ହେଉ । ଆତ୍ମ ଚେତନ, ଆତ୍ମାନୁଭୂତି ପ୍ରାପ୍ତ ହୋଇ ସତ୍ ଚିତ୍ ଆନନ୍ଦର ଅନୁଭବ ହେଉ ।

**ମଙ୍ଗଳମୟଙ୍କର ମଙ୍ଗଳ ଇଚ୍ଛା ପୂର୍ଣ୍ଣ ହେଉ ।**

❋❋❋

*ଅକୁଣ୍ଠିତ ଚିତ୍ତେ ଦାନ କରିବୁ ।*
*କରାଳ ଦାଉରୁ ମୁକତ ହେବୁ ॥*

# ସ୍ୱର୍ଣ୍ଣକ୍ଷେତ୍ର

**ପ୍ରକାଶକ :**

ଚରମ ପ୍ରକାଶନ ସଂସ୍ଥା

ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍,

କ୍ଷିତିଜ୍ୟୋତି ଆଶ୍ରମ, ମାହାଙ୍ଗା, କଟକ ।

© ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍

ମୁଦ୍ରଣ : ଜଗନ୍ନାଥ ପ୍ରୋସେସ୍, ଡଗରପଡ଼ା, କଟକ

## ନିବେଦନ

ପାଠକ ପାଠିକାମାନଙ୍କୁ ନିବେଦନ କରୁଅଛୁ, ପରମ ପୁରୁଷ ଚରମନାଥ ଶ୍ରୀ ଶ୍ରୀ ଗୁରୁସ୍ୱାମୀଙ୍କ ସଂଗଠିତ ହୋଇଯାଇଥିବା ଲୀଳାଗୁଡ଼ିକର ଏହିପରି ସ୍ମରଣିକା ପୁସ୍ତିକା ସଂଗ୍ରହ କରି ନିଜେ ପାଠ କରିବା ସହ ଉତ୍ସାହୀ ଭକ୍ତଜନଙ୍କୁ ବିତରଣ କରନ୍ତୁ ।

**ଲୀଳା ସଂରଚିତ ସ୍ମାରଣିକା :**

୧. ଆଦି ଅନାଦି ଏକାକ୍ଷର ବ୍ରହ୍ମଯଜ୍ଞ-୨୦୦୧ ଚନ୍ଦନପୂର୍ଣ୍ଣିମା- ସମାସିଂହା

୨. ଶବ୍ଦନାଦବିନ୍ଦୁ ବ୍ରହ୍ମ ଯଜ୍ଞ-୨୦୦୧ ମଇ ୨୫-କେନ୍ଦେଇପଶି

୩. ବ୍ରହ୍ମ କୈବଲ୍ୟ ଶାନ୍ତି ଯଜ୍ଞ - ୨୦୦୧ ନଭେମ୍ବର ୨୬- ଫାଶିମାଲ୍

୪. ଭୂମା ବିଭୂତି ମହା ଯଜ୍ଞ-୨୦୦୨ ମାର୍ଚ୍ଚ ୧ - ବାଘଧରିଆ

୫. ବିଶ୍ୱ ଶାନ୍ତି କୈବଲ୍ୟ ଯଜ୍ଞ-୨୦୦୨ ମଇ ୨୬-ଇନ୍ଦୁପୁର